ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.80 Bhubaneswar Monday May 01 2023 ୨୬ତମ ବର୍ଷ ସଂଖ୍ୟା-୮୦ ଭୁବନେଶ୍ୱର, ସୋମବାର, ମଇ ୦୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବ୍ୟାଡମିଣ୍ଟନରେ ଭାରତକୁ ସ୍ୱର୍ଣ୍ଣିମ ସଫଳତା: ୫୮ ବର୍ଷ ପରେ ମିଳିଲା ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୩୦ ।୪(ପି.ଏନ): ଦୀର୍ଘ ୫୮ ବର୍ଷ ହେଲା ରହିଥିବା ଅପେକ୍ଷାରେ ପଡିଛି ପୂର୍ଣ୍ଣଚ୍ଛେଦ। ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପରେ ଭାରତକୁ ମିଳିଛି ଐତିହାସିକ ସ୍ୱର୍ଣ୍ଣ। ପୁରୁଷ ଡବଲ୍ସରେ ଭାରତ ପାଇଁ ସାତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସ୍ୱର୍ଣ୍ଣ ଜିତିଛନ୍ତି। ଦିନେଶ ଖାନ୍ନାଙ୍କ ପରେ ଏହି ଦୁଇ ଖେଳାଳି ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପରେ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ୨୦୨୨ ବିଶ୍ୱ ଚାମ୍ପିୟନଶିପରେ ବ୍ରୋଞ୍ଜ ଜିତିଥିବା ଚିରାଗ ଓ ସାତ୍ୱିକ ଆଜି ପ୍ରଥମ ସେଟ୍ ?ର ପରାଜୟ ସତ୍ତ୍ୱେ ଦମଦାର କମବ୍ୟାକ୍ କରିଥିଲେ। ଶେଷରେ ମାଲେସିୟାର ଓ୍ୱଙ୍ଗ ୟେଓ୍ୱ ସିନ ଓ ଟେଓ ଇ ୟିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ଭାରତ ୧୬-୨୧, ୨୧-୧୭ ଓ ୨୧-୧୯ରେ ବାଜିତମାତ କରିଛି।



## ଏୟାରପୋର୍ଟରୁ ମେଟ୍ରୋ ଟ୍ରେନ ଚାଲିବା ପ୍ରସଙ୍ଗ: ସିଏମ୍‌ପି ରିପୋର୍ଟ ମାଗିଲା ଡିଏମ୍‌ଆରସି

ଭୁବନେଶ୍ୱର,୩୦ ।୪(ପି.ଏନ): ଭୁବନେଶ୍ୱର ଏୟାରପୋର୍ଟରୁ କଟକ ତ୍ରିଶୁଳିଆ ଯାଏ ମେଟ୍ରୋ ଟ୍ରେନ ଚଳାଚଳ ନେଇ ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ସଂସ୍ଥା ଲିମିଟେଡ-ଓଆରଆଇଇଡିଏଲ୍‌କୁ ଏକ ରିପୋର୍ଟ ମାଗିଛି ଦିଲ୍ଲୀ ମେଟ୍ରୋ ରେଳ ନିଗମ-ଡିଏମ୍‌ଆରସି। ଏହା ଆଗରୁ ଏହି ମେଟ୍ରୋ ରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରିବାକୁ ଡିଏମ୍‌ଆରସିକୁ ଦାୟିତ୍ୱ ଦିଆଯାଇଥିଲା। ତେଣୁ ଡିପିଆର ପ୍ରସ୍ତୁତ ପୂର୍ବରୁ ଭୁବନେଶ୍ୱରକୁ ନେଇ ପ୍ରସ୍ତୁତ ହୋଇଥିବା ବିସ୍ତୃତ ଗମନାଗମନ ଯୋଜନା- ସିଏମ୍‌ପି ରିପୋର୍ଟ ମାଗିଛି ଡିଏମ୍‌ଆରସି।ଡିଏମ୍‌ଆରସି କହିଛି, ଏହି ରିପୋର୍ଟ ପାଇବା ପରେ ହିଁ ଡିପିଆର ପ୍ରସ୍ତୁତ କରାଯାଇପାରିବ । କିନ୍ତୁ ସୂଚନା ଅନୁସାରେ ନଗର ଉନ୍ନୟ ବିଭାଗ ପାଖରେ ଭୁବନେଶ୍ୱରର ସିଏମପି ନାହିଁ । ତେଣୁ ୨୦୧୮ରେ ବିଡିଏ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଭୁବନେଶ୍ୱରରେ କେଉଁ ପ୍ରକାର ଗାଡି ଚଳାଚଳର ଯୋଜନା ଅଛି, କେଉଁ ଅଞ୍ଚଳରେ କେତେ ଫୁଟ ରାସ୍ତା ଅଛି, ଭବିଷ୍ୟତେର ଏହାକୁ କେତେ ସଂପ୍ରସାରଣ କରାଯିବ, କେଉଁ ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ କରିବାର ଯୋଜନା ଅଛି, କେଉଁଠି ଭବିଷ୍ୟତରେ ସଂପ୍ରସାରଣ ହେବ, କେତେ ଜମି ଅଛି, ସେଠାରେ କଣ କରିବାର ଯୋଜନା ଅଛି, ଏହାର ବିସ୍ତୃତ ରିପୋର୍ଟ ମାଗିଛି ଡିଏମ୍‌ଆରସି।



## ଆଟମିକ୍ ଏନର୍ଜି କମିସନ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ଡକ୍ଟର ଅଜିତ ମହାନ୍ତି



ଭୁବନେଶ୍ୱର,୩୦ ।୪(ପି.ଏନ): ଡକ୍ଟର ଅଜିତ କୁମାର ମହାନ୍ତିଙ୍କୁ 'ଆଣବିକ ଶକ୍ତି ବିଭାଗ'ର ସଚିବ ଏବଂ 'ଆଣବିକ ଶକ୍ତି କମିସନ୍'ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶନିବାର ଦିନ କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ଡକ୍ଟର ମହାନ୍ତିଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲା। ସୂଚନାଯୋଗ୍ୟ, ଡକ୍ଟର ଅଜିତ କୁମାର ମହାନ୍ତିଙ୍କୁ ୨୦୧୯ ମାର୍ଚ୍ଚ ୧୨ ତାରିଖରେ 'ଭାବା ଆଟମିକ୍ ରିସର୍ଚ୍ଚ ସେଂଟର'ର ୧୩ଶ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା।

## ସିଦ୍ଧାର୍ଥ ମହାନ୍ତି ଏଲଆସିର ନୂଆ ଚେୟାମ୍ୟାନ

ନୂଆଦିଲ୍ଲୀ,(ପି.ଏନ): ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ନୂତନ ଚେୟାରମ୍ୟାନ ଭାବେ ସିଦ୍ଧାର୍ଥ ମହାନ୍ତିଙ୍କୁ ଭାରତ ସରକାର ନିଯୁକ୍ତି ଦେଇଛନ୍ତି। ସେ ଜୁନ୍ ୨୦୨୪ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ଏଲଆଇସିର ୪ ଜଣ ପରିଚାଳନା ନିର୍ଦ୍ଦେଶଙ୍କ ମଧ୍ୟରୁ ସିଦ୍ଧାର୍ଥ ମହାନ୍ତି ଅନ୍ୟତମ ବୋଲି ଏଲଆସି ପକ୍ଷରୁ କୁହାଯାଇଛି। ଏଲଆଇସିର ୪ ଜଣ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରୁ ଜଣଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଥାଏ।



ଶ୍ରୀଯୁକ୍ତ ମହାନ୍ତି ୧୯୮୫ରେ ଏଲଆଇସିର ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତି ପାଇବା ସହ ମାର୍କେଟିଂ ମାନବ ସମ୍ବଳ ନିବେଶ ଆଇନ ଏବଂ ସାଧାରଣ ବିଭାଗ ଇତ୍ୟାଦିରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଫେବୃଆରୀ ୨୦୨୧ରେ ସିଦ୍ଧାର୍ଥ ଏଲଆଇସିର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ଏହା ପୂର୍ବରୁ ସେ ଏଲଆଇସି ହାଉସିଂ ଫାଇନାନ୍ସରେ ଏମଡ଼ି ତଥା ସି.ଓ ଭାବେ କାର୍ଯ୍ୟ କରିଥିଲେ। ଏଲଆଇସିର ଚେୟାରମ୍ୟାନ ପଦ ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ।

## ଆଜିଠୁ ବନ୍ଦ ରହିବ ଭିତରକନିକା

ଭୁବନେଶ୍ୱର, ୩୦ ।୪(ପି.ଏନ): ଆସନ୍ତାକାଲି (ସୋମବାର)ଠାରୁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ। ଆଗାମୀ ଜୁଲାଇ ୩୧ ଯାଏଁ ୩ ମାସ ଧରି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଭିତରକନିକା। କୁମ୍ଭୀର ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ବନ ବିଭାଗ ଏହି ନିଷ୍ପତି ନେଇଛି।

ଓଡ଼ିଶା ସରକାର



ମଇ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ରର ଶକ୍ତି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଆମେ ସର୍ବଦା ଶ୍ରଦ୍ଧାର ସହ ସ୍ମରଣ କରିବା ଆବଶ୍ୟକ । ମଇ ଦିବସ ଅବସରରେ ଆମର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଅନୁରୋଧ କରୁଛି ।

ଶ୍ରମିକ କଲ୍ୟାଣ ହିଁ ରାଷ୍ଟ୍ରର କଲ୍ୟାଣ ।

(ନବୀନ ପଟ୍ଟନାୟକ)

DADLS- 13
15001/13/0038/2324



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS- 13
15001/13/0038/2324

## ସାଧାରଣ ଲୋକଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାର ଅନ୍ୟତମ ଅବସର ପାଲଟିଛି 'ମନ୍ କି ବାତ୍' କାର୍ଯ୍ୟକ୍ରମ : ମନମୋହନ ସାମଲ

ଭୁବନେଶ୍ୱର,୩୦ ।୪(ପି.ଏନ): ଦେଶବାସୀଙ୍କ ସହ ସିଧାସଳଖ ଯୋଡି ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ । ମାସର ପ୍ରତ୍ୟେକ ଶେଷ ରବିବାର ଦିନ ପ୍ରଧାନମନ୍ତ୍ରୀ ରେଡିଓ, ଦୂରଦର୍ଶନ ଜରିଆରେ କଥା ହୋଇଥାନ୍ତି । ଆଜି ଏହି କାର୍ଯ୍ୟକ୍ରମର ୧୦୦ ତମ ସଂସ୍କରଣ ପୂରଣ ହୋଇଛି ଏବଂ ଏହାର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଦେଶବାସୀ, ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କୁ ଆଦୃତ କରିପାରିଛି । 'ମନ୍ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ମୋଦିଜୀ ତଳସ୍ତରରେ ଅସାଧାରଣ କାମ କରୁଥିବା ଏବଂ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିଛନ୍ତି । ମୋଦିଜୀ ସାମାଜିକ ସମସ୍ୟା ସମ୍ପର୍କରେ ବି ଚର୍ଚ୍ଚା ଆଲୋଚନା କରିବା ସହ ସାରା ଦେଶକୁ ସାଙ୍ଗରେ ନେଇ ଚାଲିବା ହେଉଛି 'ମନ କି ବାତ୍' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ରାଜ୍ୟର ପ୍ରକାଶ ରାଓ, ଆଇଜାକ ମୁଣ୍ଡା, ନାୟକ ସାର୍ (ସିଲୁ ନାୟକ), ପଟାୟତ ସାହୁ, କମଳା ମହାରଣା, ଭାଗ୍ୟଶ୍ରୀ ସାହୁ, କିନି ଦେହୁରୀ, ଅମରେଶ ସାମାନ୍ତ, ରାହୁଲ ମହାରଣାଙ୍କ ଭଳି ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଙ୍କ ସାମ୍ନାକୁ ଆଣିବାରେ ସହାୟକ ହୋଇଛି । ସଂପୂର୍ଣ୍ଣ ଅଣରାଜନୈତିକ ଭିତିକ ଏହି କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବିଜେପି ତରଫରୁ ରାଜ୍ୟରେ ୨୦୦୦ ରୁ ଊର୍ଦ୍ଧ୍ୱ ସ୍ଥାନରେ ନେତୃବୃନ୍ଦ ଓ କାର୍ଯ୍ୟକର୍ତାମାନେ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକାଠି ଶୁଣିଥିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରବିବାର ସମ୍ବଲପୁରର ଝାଡୁଆପଡା ସ୍ଥିତ ଯୁବ ଉଦ୍ଧୟନ କ୍ଲବଠାରେ ସ୍ଥାନୀୟ ବାସିନ୍ଦାଙ୍କ ଗହଣରେ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ । ଆଜିର ୧୦୦ ତମ ସଂସ୍କରଣ ସାଧାରଣ ଲୋକଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାର ଅନ୍ୟତମ ଅବସର ପାଲଟିଛି । ଆଜିର ଏହି ଐତିହାସିକ ଦିବସକୁ ସ୍ମରଣୀୟ କରିଥିବା ସାଧାରଣ ଜନତା ଓ ବିଭିନ୍ନ ଅନୁଷ୍ଠାନକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜଣାଇଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବାରିପଦାର ଦାରୋଗାଡିହି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାର ବରାଡିଆ (ଆଳି ବିଧାନସଭା), ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଝାରସୁଗୁଡାର ବଇଜାପାଲି, ସାଂସଦ ପ୍ରତାପ ଷଡଙ୍ଗୀ ବାଲେଶ୍ୱର ଜିଲ୍ଲା ନୀଳଗିରିର ଗୋପୀନନାଥପୁର, ସାଂସଦ ସୁରେଶ ପୁଜାରୀ ବ୍ରଜରାଜନଗର, ସଂଗୀତା କୁମାରୀ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡର ଗୋବିନ୍ଦ ବିତିକା, ସାଂସଦ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ସୁନ୍ଦରପଦା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଝାରସୁଗୁଡାର ତାଲପଟିଆ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଝାରସୁଗୁଡା ବିଟିଏମ୍ ବାଇବାସ ରୋଡ ଓ୍ୱାଡ ନଂ ୬, କେଭି ସିଂହଦେଓ, ବିଧାୟକ ଆଦିତ୍ୟ ମାଢୀ ମାଲକାନଗିରି, ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଝାରସୁଗୁଡା ମ୍ୟୁନିସିପାଲିଟିର ଓ୍ୱାର୍ଡ-୧୭ରେ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ । ଏଥିସହ ପାର୍ଟିର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତାମାନେ ବିଭିନ୍ନ ବୁଥ୍‌ରେ ଉପସ୍ଥିତ ରହି "ମନ୍ କି ମାତ', କାର୍ଯ୍ୟକ୍ରମକୁ ଶୁଣିଥିଲେ ।

ଓଡ଼ିଶା ସରକାର

ବାର୍ତ୍ତା



ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛି ।

ଏହି ଅବସରରେ ଶ୍ରମିକ ଭାଇଭଉଣୀମାନଙ୍କର ସୁଖ, ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS- 13
15001/13/0038/2324








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଲିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।



# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।





# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।



# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।






## ନରଗାଙ୍ଗ ପଞ୍ଚାୟତରେ ନୂତନ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ (ପିଏନ୍)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତର ସରକାରଙ୍କ ତରଫରୁ ଲୋକମାନଙ୍କ ପାଇଁ ସ୍ୱଜଳ ଧାରା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବାବେଳେ ଏହି ପରିପ୍ରେକ୍ଷୀରେ ନରଗାଙ୍ଗ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନୂତନ ପାନୀୟ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଉପାଧକ୍ଷ ରେବତୀ ଜେନା ପ୍ରମୁଖ ଯୋଗଦେଇଥିଲେ ଓ ପଞ୍ଚାୟତର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ବାଙ୍କୀ ବିଧାୟକଙ୍କ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପ ଭୂମି ପୂଜା ଉତ୍ସବ



ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତରେ ବିଲିତେନ୍ତୁଳିଆ ଗ୍ରାମର ଜଳେଶ୍ୱର ମନ୍ଦିର ପରିସରରେ ବ୍ଲକ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ଅନୁଆରୀ ପଞ୍ଚାୟତର ସରପଞ୍ଚ ସଂଜୟ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ରହ୍ମପୁରା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଦାସର୍ବଦା ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ କଲ୍ୟାଣମଣ୍ଡପ ସଂପର୍କରେ ସୂଚନା ଦେଇଥିଲେ।

## ଶାଳପଡା ପ୍ରିନ୍ସ କ୍ଲବ୍ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା କ୍ଷେତ୍ର ମୋହନ ଖେଳ ପଡିଆ ଠାରେ ପ୍ରିନ୍ସ କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଂଚଳର ୧୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଭାଟିସିରା ଓ ଭଗାନଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭାଟିସିରା ଦଳ ବ୍ୟାଟିଂ କରି ୮ ଓଭରରେ ୮୧ରନ୍ କରିଥିଲା । ଏହାର ଜବାବରେ ଭଗାନଇ ଦଳ ନିର୍ଦ୍ଧାରିତ ୮ଓଭର ଖେଳି ୫୮ରନ୍ କରି ପରାଜିତ ହୋଇଥିଲା । ଉଦ୍‌ଘାଟନୀ ଖେଳରେ ମୁଖ୍ୟଅତିଥି ଭାବେ ବ୍ୟବସାୟୀ ରାମଚନ୍ଦ୍ର ପାଢୀ ଓ ସରୋଜ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅମ୍ପାୟାର ଭାବେ ରାଜେନ୍ଦ୍ର ଦାଶ ଓ ପୁପୁନ ଦାଶ ଖେଳକୁ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ସନାତନ ପତି, ସିତାଂଶୁ ଦାଶ, ଚିରିବ ଦାଶ, ସନ୍ତୋଷ ଶତପଥି, ଗୋଉରା, ରାଜା ପ୍ରମୁଖଙ୍କ ସହ ବହୁ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ ।

## ବିଶ୍ୱ ମାନବାଧିକାର ଆୟୁକ୍ତଙ୍କ ଦ୍ୱାରା ବହୁଦିନର ବିବାଦ ତୁଟିଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମ ପଂଚାୟତର କଣ୍ଡରାପଶି ଗ୍ରାମରେ ବେଣୁଧର ମାଝୀ (ୱାର୍ଡମେମ୍ବର) ଓ ଗ୍ରାମ ମୁଖିଆ, ପୂଜକ ତଥା ଗ୍ରାମବାସୀଙ୍କ ମଧ୍ୟରେ ବହୁଦିନ ଧରି ସାମାନ୍ୟ କଥାକୁ ନେଇ ମନମାଳିନ୍ୟ ଲାଗି ରହିଥିଲା । ଏ ବିବାଦ ଏତେ ଉତ୍କଟ ହେଲାଯେ ବ୍ୟକ୍ତିଗତ ସ୍ତରରୁ ଯାଇ ଗୋଷ୍ଠୀଗତ ଆଡକୁ ଗଲା । ଫଳରେ ବେଣୁଧର ମାଝୀ ଉପାୟ ନପାଇ ସଦର ଥାନାରେ ଅଭିଯୋଗ କଲେ । ଥାନାରୁ ନ୍ୟାୟ ନପାଇ ବାଧ ହୋଇ ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରଙ୍କ ଦ୍ୱାରସ୍ଥ ହେଲେ । ଶ୍ରୀ ମାଝୀଙ୍କ ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀର ସହକାରେ ନେଇ ଆୟୁକ୍ତ ଗତ ୨୬ ତାରିଖ (ରବିବାର) ଦିନ ଗୋଟାଏ ବେଳେ ସମନ୍ୱୟ ବିଚାର ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଥିଲା । କଣ୍ଡରାପଶି ଗ୍ରାମ ପଂଚାୟତରେ ସ୍ଥାନୀୟ ସରପଂଚ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ମନୋମାଳିନ୍ୟର ଫଇସାଲା କରି ପରସ୍ପର ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଲିଖିତ ସ୍ୱୀକୃତି କରାଇଥିଲେ ଏବଂ ଉଭୟ ପକ୍ଷ ପରସ୍ପରଙ୍କୁ ମିଠା ଖୁଆଇ ବନ୍ଧୁତା ସୂତ୍ରରେ ବାନ୍ଧି ହେଲେ । କହିବା ବାହୁଲ୍ୟ ଯେ ଆମ ଜିଲ୍ଲାର ଶାନ୍ତିପ୍ରିୟ ଓ ସରଳ ଆଦିବାସୀ ଭାଇମାନେ ଖୁବ୍ ଜଟିଳ ଘଟଣାକୁ ଅତି ସହଜରେ ନେଇଥାନ୍ତି । ଆଉ ଆବଶ୍ୟକ ସ୍ଥଳେ ଅତି ସହଜ ଘଟଣାକୁ ଜଟିଳ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ଫଳସ୍ୱରୂପ ସମୟୋଚିତ ପଦକ୍ଷେପ ନନେଲେ ଭବିଷ୍ୟତରେ ସାମାନ୍ୟ ଘଟଣା ମଧ୍ୟ ଭୟଙ୍କର ଆଇନ୍ ପରିସ୍ଥିତି ଉପୁଜାଇଥାଏ । ଏହି ଘଟଣାକୁ ନଜର ଅନ୍ଦାଜ ନକରି ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମହିଳା ସଭାପତି ହେନା ସାହୁ, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ସମ୍ପାଦକ ସୟ କୁମାର ପଣ୍ଡା ଓ କାର୍ଯ୍ୟାଳୟର ସମନ୍ୱୟ ଅଧିକାରୀ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉକ୍ତ ଘଟଣାର ସମାଧାନ ହୋଇଥିବା ଯୋଗୁଁ କଣ୍ଡରାପଶି ଗ୍ରାମବାସୀ ବିଶ୍ୱ ମାନବାଧିକାର ଆୟୁକ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ସାମ୍ବାଦିକମାନଙ୍କ ବେଆଇନ ଗିରଫଦାରୀକୁ ନିନ୍ଦାକଲା ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ

ଭୁବନେଶ୍ୱର (ପିଏନ୍): ମାଲକାନଗିରିରେ ଅର୍ଗସ ପ୍ରତିନିଧିଙ୍କ ସହ ୪ଜଣ ସାମ୍ବାଦିକଙ୍କୁ ଗିରଫ ଘଟଣାରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମ୍ବାଦିକଙ୍କ ଉପରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ। ଯେଉଁ ସାମ୍ବାଦିକ ଗିରଫ ହୋଇଛନ୍ତି, ସେମାନେ ନକ୍ସଲ ନୁହଁନ୍ତି। ସେମାନଙ୍କୁ ଥାନାକୁ ଡ଼ାକି ଆଲୋଚନା କରିପାରିଥା’ନ୍ତେ। ପୋଲିସ୍ ମାଓବାଦୀ ଭଳି ରାତିଅଧରେ ଗିରଫ କରିବା ନିନ୍ଦନୀୟ। ରାତି ଅଧରେ ଫୋର୍ସ ଲଗାଇ ବଳପୂର୍ବକ ଗିରଫ କରିଛି ପୋଲିସ୍। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ଦାବି କରିଛି ମହାସଂଘ। ପୋଲିସ୍ ଉପରେ ପଡ଼ି ସାମ୍ବାଦିକଙ୍କୁ ଗିରଫ କରି ଫରଓ୍ୱାର୍ଡ଼ କରିଛି। ସେଥିପାଇଁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦରକାର ବୋଲି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଚାରୀ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି।

## ଶିରିଡ଼ି ସାଇ ବୁଲିବାକୁ ଯାଇ ବୃଦ୍ଧବ୍ୟକ୍ତିଙ୍କ ପତ୍ତା ମିଳୁ ନ ଥିବା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରର ଚାଟରାପାଟଣା ଗ୍ରାମର ଜନୈକ ବୃଦ୍ଧବ୍ୟକ୍ତି ଶିରିଡ଼ି ସାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି। ସେହି ବ୍ୟକ୍ତି ହେଉଛନ୍ତି ମଧୁସୂଦନ ରାଉତ(୬୦)। ଗତ ବୁଧବାର ସନ୍ଧ୍ୟାରେ ସେ ପରିବାର ସହ ମୋବାଇଲରେ କଥା ହୋଇଥିଲେ। ସେ ପରିବାର ଲୋକଙ୍କୁ କହିଥିଲେ ଯେ ଏକ ପଙ୍କୁଆ ଜାଗାରେ ସେ ଫସି ଯାଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ଆଖପାଖରେ କେହି ନାହାଁନ୍ତି। ଏହା ଜାଣିବା ପରେ ପରିବାର ଲୋକେ ବିବ୍ରତ ହୋଇ ପଡିଥିଲେ। ପରିବାର ଲୋକେ କହିଛନ୍ତି ଯେ ଗତ ୨୧ ତାରିଖରେ କେତେକ ସାଇ ଭକ୍ତଙ୍କ ସହ ମଧୁସୁଦନ ଶିରିଡି ଯାଇଥିଲେ। ଏହାପର ଠାରୁ ତାଙ୍କର ପରିବାର ଲୋକଙ୍କ ସହ କୌଣସି ଯୋଗାଯୋଗ ହୋଇନଥିବା ସୂଚନା ମିଳିଛି। ଏକ ବ୍ୟବସାୟିକ ସଂସ୍ଥା ଲୋକମାନଙ୍କୁ ନେଇ ଶିରିଡି ବୁଲାଇବାକୁ ଯାଇଥିଲା। ତେଣୁ ଲୋକମାନେ କିପରି ସୁରକ୍ଷିତ ରହିବେ ସେ ଦାୟିତ୍ୱ ହେଉଛି ସଂପୃକ୍ତ ସଂସ୍ଥାର। ତେଣୁ ସଂପୃକ୍ତ ସଂସ୍ଥା କିପରି ଜାଣି ପାରିଲା ନାହିଁ ଯେ ମଧୁସୂଦନ ତାଙ୍କ ରୁମରୁ ବାହାରି କେଉଁଆଡେ ପଳାଇଲେ। ଏପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥା ମଧୁସୂଦନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସଂପୃକ୍ତ ବୃଦ୍ଧ ମଧୁସୁଦନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ସେହିପରି ଏହି ଘଟଣା ପ୍ରଚାରିତ ହେବା ପରେ ରାଜ୍ୟ ଖଦୀ ବୋର୍ଡର ପୂର୍ବତନ ଅଧକ୍ଷ ତେଜେଶ୍ୱର ପରିଡ଼ା ମଧ୍ୟ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ କରିଛନ୍ତି।

## ଜଳନ୍ଧର ଶକ୍ତିପୀଠ, ପଞ୍ଜାବ



**ଜ**ଳନ୍ଧର ଶକ୍ତିପୀଠ ବା ‘ତ୍ରିପୁରମାଳିନୀ’ ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ “ତାଲାବ” ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧରଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।






ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠମାନଙ୍କ ମଧ୍ୟରେ “ଜଳନ୍ଧର ଶକ୍ତିପୀଠ” ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା’ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା’ ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା’ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।



କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା’ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ।

“ଜଳନ୍ଧର ଶକ୍ତିପୀଠ”ରେ ମାତା ସତୀଙ୍କର ‘ବାମସ୍ତନ’ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ ‘ତ୍ରିପୁରମାଳିନୀ’ ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ ‘ଭୈରବ’(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ “ଭୀଷଣ” ରୂପରେ ପୂଜା କରାଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ



ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**କେମିତି ଯିବେ:-**(୧) ନିକଟସ୍ଥ ରେଳଷ୍ଟେଷନ୍‌ଠାରୁ ମାତ୍ର ୨.୫ କିମି ଦୂରରେ “ଜଳନ୍ଧର ଶକ୍ତିପୀଠ” ଅବସ୍ଥିତ।

(୨) ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ମାତ୍ର ୧୮୩ କିମି ଦୂରରେ “ଜଳନ୍ଧର ଶକ୍ତିପୀଠ” ଅବସ୍ଥିତ।

ପ୍ରତିଦିନ ସକାଳ ୬ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ରାସନକାର୍ଡ ହିତାଧିକାରୀଙ୍କୁ କୋଭିଡ ସହାୟତା ମଧ୍ୟବିତ୍ତଙ୍କୁ ଅଣଦେଖା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ରାସନକାର୍ଡଧାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଘୋଷଣା ପରେ ରାସନକାର୍ଡ ନଥିବା ମଧ୍ୟବିତ୍ତବର୍ଗଙ୍କୁ ସରକାର ଅଣଦେଖା କରୁଥିବା ମହାସଙ୍ଘ ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାସନକାର୍ଡଧାରୀମାନଙ୍କ ବ୍ୟାଙ୍କ ଆକାଉଁଟକୁ କୋଭିଡ ସହାୟତା ବାବଦ ଅର୍ଥ ଏକ ହଜାର ଟଙ୍କା ସିଧାସଳଖ ଯିବ। ଏ ବାବଦରେ ରାଜ୍ୟ ସରକାରଙ୍କ ୩୫୦କୋଟି ଟଙ୍କା ବ୍ୟୟ ହେବ। ଜତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ଏହି ସହାୟତା ରାଶି ଯୋଗାଇ ଦିଆଯିବ। କିନ୍ତୁ କୋଭିଡ ସମୟରେ ନିଜର ଜୀବନ ଜୀବିକା ହରାଇଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକ ଯାହାର କି ରାସନ କାର୍ଡ ନାହିଁ ସେମାନେ କଣ ସରକାରଙ୍କ ସାବତ ପୁଅ ବୋଲି ମହାସଙ୍ଘ ପ୍ରଶ୍ନ କରିଛି। କୋଭିଡ ଯୋଗୁଁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ରାଜ୍ୟରେ ଲକ୍ଷ ଲକ୍ଷ ମଧ୍ୟବିତ୍ତ ଶ୍ରେଣୀର ଲୋକ ନିଜର ଜୀବିକା ହରାଇ ଏବେ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ରାଜ୍ୟ ସରକାର ରାସନକାର୍ଡଧାରୀଙ୍କ ପାଇଁ ସହାୟତା ଘୋଷଣା ପଞ୍ଚାୟତ ନିର୍ବାଚନ ଜିତିବା ପାଇଁ ଏହା ସରକାରଙ୍କ ଏକ ନିର୍ବାଚନି ଚାଲ ବୋଲି ମହାସଙ୍ଘ ଅଭିଯୋଗ କରିଛି। କୋଭିଡ ସମୟରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ମଧ୍ୟବିତ୍ତ ବର୍ଗ। ତେଣୁ ସେହି ବର୍ଗର ଲୋକମାନଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବା ସହ କୋଭିଡ ସହାୟତା ପ୍ରଦାନ କରାଯିବାକୁ ମହାସଙ୍ଘ ପକ୍ଷରୁ ରାଜ୍ୟ ସଭାପତି ପ୍ରଦିପ ମିଶ୍ର, ସମ୍ପାଦକ ହରେକୃଷ୍ଣ ପାତ୍ର, ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ବିଧୁଭୂଷଣ ମହାପାତ୍ର, ଆକାଶ ଦାସ, ଚିତ୍ତରଞ୍ଜନ ତରାଇ, ହରେକୃଷ୍ଣ ପଟ୍ଟନାୟକ, ସରୋଜ ରାଉତ ପ୍ରମୁଖ ଦାବି କରିଛନ୍ତି।

## ଡିଏଭି ପବ୍ଲିକ ସ୍କୁଲରେ ପବିତ୍ର ଖ୍ରୀଷ୍ଟମାସ ପର୍ବ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ ଗରାପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ପବିତ୍ର ଖ୍ରୀଷ୍ଟମାସ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ଖ୍ରୀଷ୍ଟମାସ ବୃକ୍ଷର ସାଜସଜା କରାଯିବା ସହ କୋଭିଡ ନିୟମ ଅନୁପାଳନ ପୂର୍ବକ ଶୁଭେଚ୍ଛାପତ୍ର ତିଆରି ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ଏହି ପର୍ବର ବିଶେଷତ୍ୱ ଏବଂ ଗୁରୁତ୍ୱ ଉପରେ ବୁଝାଇଥିଲେ। ଛାତ୍ର ଦେବବ୍ରତ ସେଠୀ ସାନ୍ତାକ୍ଲଜ ବେଶଧାରଣ କରି ଛାତ୍ରଛାତ୍ରୀମାନଙ୍କୁ ଉପହାର ସ୍ୱରୂପ ଚକୋଲେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଭଦ୍ରା ନାୟକ, ପ୍ରଭାସିନୀ ମହାନ୍ତି, ସୁପ୍ରିୟା ବେହେରା, ସୋନାଲି ରାଉତ, ରିନୁ ମହାନ୍ତି, ସବନମ ମଲ୍ଲିକ, ଗାୟତ୍ରୀ ବାରିକ, ପ୍ରଣୟା ଦାସ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ ଛାତ୍ରୀ ଶୁଭଲକ୍ଷ୍ମୀ ସାମଲ, ହିମାନି ଦାସ, ପ୍ରଜ୍ଞାନ ବିଶ୍ୱାଳ, ନମ୍ରତା ଆଚାର୍ଯ୍ୟ ଯଥାକ୍ରମେ ପ୍ରଥମେ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ତିନୋଟି ଶୁଭେଚ୍ଛାପତ୍ରକୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ନବବର୍ଷର ଶୁଭେଚ୍ଛାପତ୍ର ରୂପେ ଡାକ ଯୋଗେ ପ୍ରେରଣ କରାଯାଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ପାରାଚକରେ ଜୀବନବିନ୍ଦୁ ରକ୍ତଦାନ ଶିବିର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ପାରାଚକ ଗ୍ରାମରେ ଶୁକ୍ରବାର ଓଡିଶା ମୋ ପରିବାର ପକ୍ଷରୁ ଏକ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରତପୁର ପଞ୍ଚାୟତ ସମିତି ସଭ୍ୟ ହେମନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଶିବିରରେ ୩୭ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଓଡିଶା ମୋ ପରିବାରର ସଂଯୋଜକ କାଳି ପ୍ରସାଦ ମିଶ୍ର ଓ ହିରଣ୍ୟ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ତ୍ରୈଲୋକ୍ୟ ମହାନ୍ତି, ଶରତ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରକୁ ଯୁବ ସମାଜସେବୀ ଦେବବ୍ରତ ମଲ୍ଲ, ଚନ୍ଦନ ରାଉତରାୟ, ସନ୍ତୋଷ ଦାସ, ପ୍ରଭାତ ମହାନ୍ତି, ଗଗନ ମଳିକ, ସର୍ବେଶ୍ୱର ପାତ୍ର, ବରଦା ବିଶ୍ୱାଳ, ସୁଚିସ୍ମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସାଂସଦଙ୍କ ଜନ୍ମଦିନରେ ଜିଲ୍ଲା ସଂଖ୍ୟାଲଘୁ ବିକାଶ କମିଟି ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କ ୪୧ତମ ଜନ୍ମଦିନ ପାଳନ ଅବସରରେ କେନ୍ଦ୍ରାପଡା ଜିଲ୍ଲା ସଂଖ୍ୟାଲଘୁ ବିକାଶ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। କମିଟି ସଭାପତି ଅବଦୁଲ ମଜିଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୟଦ ଅକମଲ ଅଲ୍ଲୀ, ମହମ୍ମଦ ଅମୀର, ସେକ ଅହମଦ, ସେକ ଯାହିଦ, ଅଭୟ ତରାଇ ପ୍ରମୁଖ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ବିକାଶ କମିଟି ପକ୍ଷରୁ ସଭାପତି ଅବଦୁଲ ମଜିଦ କହିଛନ୍ତି ଯେ ସାଂସଦ ଶ୍ରୀ ମହାନ୍ତି ସଂଖ୍ୟାଲଘୁ ସଂପ୍ରଦାୟର ବିକାଶ ଓ କେନ୍ଦ୍ରାପଡାର ଭିତ୍ତିଭୂମୀର ବିକାଶ ପାଇଁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ତେଣୁ କମିଟି ପକ୍ଷରୁ ସାଂସଦ ଶ୍ରୀ ମହାନ୍ତିଙ୍କ ଜନ୍ମଦିନ ଏକ ଭିନ୍ନ ଢଙ୍ଗରେ ପାଳନ କରାଯିବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି।

## ପଳସିଂହା ପଞ୍ଚାୟତରେ ପଞ୍ଚାୟତ ଭବନ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପଳସିଂହା ପଞ୍ଚାୟତରେ ଗ୍ରାମପଞ୍ଚାୟତ ଭବନ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ କାଦମ୍ବିନୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ମିତ ଗ୍ରାମପଞ୍ଚାୟତ ଭବନକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଏବ ସରପଞ୍ଚ ବିପିନ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପଞ୍ଚାୟତ ଭବନକୁ ଉଦଘାଟନ କରିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ ନାଗରିକ ଭଗବାନ ଜେନା, ଶରତ ଚନ୍ଦ୍ର ଭଳ, ଧ୍ରୁବ ଚରଣ ଦାସ, ଗୟାଧର ବରାଳ, ଅବଧୂତ ମଳିକ, ଗଗନ ମଳିକ, ନିତ୍ୟାନନ୍ଦ ରାଉଳ, ବିଷ୍ଣୁଚରଣ ଦାସ ପ୍ରମୁଖଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମନାଭ ଦାସ ଓ ଯୁବନେତା ଅଜିତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଭୁବନେଶ୍ୱର, ୨୦୨୩, ମଇ ୦୧

# ମାନବ ଜୀବନରେ ଶ୍ରମର ଗୁରୁତ୍ୱ


ଉମାଶଙ୍କର ପ୍ରସାଦ

ଜୀବନ ଗଠନରେ ଶ୍ରମର ଗୁରୁତ୍ୱ କେତେ ଅଧିକ, ତାହା ହୃଦୟଙ୍ଗମ କରିପାରିଲେ ଆମେ ଆମକୁ ପ୍ରକୃତ ମର୍ଯ୍ୟାଦା ଦେଇପାରିବା। ଏ ଧରାବକ୍ଷରେ ଜୀବନନିର୍ବାହ କରିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଅନ୍ୟାନ୍ୟ ପଦାର୍ଥର ଆବଶ୍ୟକ। ଏହିସବୁ ଜିନିଷ କେବଳ ଶ୍ରମ ଦ୍ୱାରା ପ୍ରାପ୍ତ ହୋଇଥାଏ। କୌଣସି ପ୍ରକାର ଶାରୀରିକ ଶ୍ରମକୁ ଘୃଣା କରିବା ଅନୁଚିତ। "ଶ୍ରମହିଁ ସଫଳତାର ମାପକାଠି"। ପରିଶ୍ରମ ବ୍ୟକ୍ତିକୁ ସୁସ୍ଥସବଳ କରିବା ସଙ୍ଗେ ସଙ୍ଗେ ଆନନ୍ଦ ପ୍ରଦାନ କରିତାଏ। ସଂପୃକ୍ତ ବ୍ୟକ୍ତି ଲାଭ କରିଥାଏ ଶ୍ରମଜନିତ ଆତ୍ମସନ୍ତୋଷ। ଶାନ୍ତିନିକେତନ ଶିକ୍ଷାନୁଷ୍ଠାନ ଆରମ୍ଭ କଲାବେଳେ ରବୀନ୍ଦ୍ରନାଥ ଠାକୁର ପ୍ରତ୍ୟେକ ବିଦ୍ୟାର୍ଥୀକୁ କିଛି କିଛି ଶାରୀରିକ ଶ୍ରମ କରିବାକୁ କହୁଥିଲେ। ସ୍ୱକାର୍ଯ୍ୟ ନିମନ୍ତେ ଶ୍ରମ ସ୍ୱୀକାର କଲେ ଶ୍ରମର ମହତ୍ୱ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ନିଜର ମର୍ଯ୍ୟାଦା ବୃଦ୍ଧି ହୋଇଥାଏ। ଶ୍ରମ ସମ୍ବନ୍ଦରେ ମାନବର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ପାଇଁ ସମାଜବାଦୀମାନେ ଉଦ୍ୟମ କରି ଆସିଛନ୍ତି। As per Henry George " for all labour cannot produce without the use of land the denial of the equal right to the use of land, is necessary denial of the right of labour to iys own product." ଶ୍ରମ ଓ ଶ୍ରମିକ ଶ୍ରେଣୀ ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଶ୍ରମ ମର୍ଯ୍ୟାଦାକୁ ଉପଲବ୍ଧି କରି କହିଥିଲେ:-" If the Almighty had ever meant a set of man that should do all of the eating and none of the work. He would have made them with mouths only and no hand and if He had meant another class to do all the work and no eating He would have made them with hands only and no mouth."

ଆଜି ଶ୍ରମିକ ଦିବସ। ସେହି ମେହନତି ମଣିଷ ମାନେ ଦିନ ରାତି ନିଜର ଶ୍ରମ ବଳରେ ମର୍ତ୍ତରେ ସ୍ୱର୍ଗ ସୃଷ୍ଟି କରିଥାନ୍ତି ଯେଉଁ ମାନଙ୍କୁ ଯୋଗୁ ସମଗ୍ର ମାନବ ସମାଜ ଖାଦ୍ୟ, ବସ୍ତ୍ର, ଓ ବାସଗୃହ ପାଇଥାଏ ସେହିମାନେ ଆମ ସଂସ୍କୃତିର ପ୍ରବର୍ତ୍ତକ। ସେ ଦିନ ଥିଲା ୧୮୮୬ ମସିହା ମେ ୧(ଏକ) ତାରିଖ। ଆମେରିକାର ଚିକାଗୋ ସହରରେ ହେମାର୍କେଟ୍ ଚଉମୁଖୀରେ ନିର୍ଯ୍ୟାତିତ ଶ୍ରମିକ ମାନେ ନିଜର ହକ୍ ପାଇଁ ଏକାଠି ହୋଇଥିଲେ। ନିଜର ବଂଚିବାର ଅଧିକାରକୁ ନେଇ ମାଲିକ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ,ଅତ୍ୟାଚାରିତ ହୋଇ ସେମାନଙ୍କୁ ମଣିଷ ଭଳି ବଂଚିବାକୁ ଦିଆଯିବା ସହ ଅଠର ଘଂଟା ବଦଳରେ ଆଠଘଂଟା କରାଇବା ସହ ସପ୍ତାହକୁ ଏକ ଦିନ ବିଶ୍ରାମ ପାଇଁ ଅଡି ବସିଥିଲେ। ଧନୀକ ଶ୍ରେଣୀର ଲୋକଙ୍କ ଏଭଳି ନୃଶଂସ ମନୋଭାବକୁ ନେଇ ସାମ୍ୟବାଦର ପ୍ରତିଷ୍ଠାତା କାର୍ଲ ମାର୍କସ ତାଙ୍କର 'ଦାସ କ୍ୟାପିଟାଲ' କହିଥିଲେ ଅତିରିକ୍ତ ମୂଲ୍ୟନୀତି ଯେଉଁଥିରେ ସେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ ଶ୍ରମିକ ମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ତୁଳନାରେ ତାଙ୍କଠାରୁ ଯେପରି ଅଧିକ ପରିମାଣର କାର୍ଯ୍ୟ ହାସଲ କରାଯାଏ , ସେହି ଅତିରିକ୍ତ ଶ୍ରମଜାତ ଧନରେ ଧନୀକଗୋଷ୍ଠୀର କୌଣସି ଅଧିକାର ନାହିଁ। ସୁତରାଂ ସେ ଧନିକ ଶ୍ରେଣୀ ବିରୁଦ୍ଧରେ ବିପ୍ଲବ ଘୋଷଣା କଲେ ଏବଂ ଶ୍ରମିକ ଶ୍ରେଣିକୁ ଆହ୍ୱାନ ଦେଲେ 'ଦିନ ଆସିବ ଯେତେବେଳେ ଶୋଷିତଶ୍ରେଣୀ ନିଶ୍ଚୟ ଶୋଷକ ଶ୍ରେଣୀକୁ ଶୋଷଣ କରିବ। ଶ୍ରମିକ ମାନଙ୍କର ଏକଛତ୍ର ଶାସନ ପ୍ରତିଷ୍ଠା ହେବ। ଶ୍ରମିକ ନେତା ସ୍ୱାଇନ୍, ଫିସର,ଏଙ୍ଗେଲ, ପିୟର୍ସ ଚାହିଁଥିଲେ ଖଟିଖିଆଙ୍କର ମୁକ୍ତି। ସେମାନେ ବଂଚିବେ, ଖାଇବେ, ସ୍ୱପ୍ନ ଦେଖିବେ। ସେହି ପବିତ୍ର ଦିନରୁ ସୃଷ୍ଟି ହେଲା ପ୍ରସିଦ୍ଧ "ମଇ ଦିବସ"। ଆଜି ସେହି ମହନତି ମଣିଷ ମାନଙ୍କୁ ଏ ଲେଖକର ସଲାମ। ଶ୍ରମିକ ମାନେହିଁ ଆମ ସୃଜନୀର ରୂପକାର, ଇତିହାସର ଐତିହାସିକ। କାର୍ଲ ମାର୍କସ୍ ଙ୍କ ସ୍ଲୋଗାନ ଥିଲା ଶ୍ରମିକ ଏକତା ଜିନ୍ଦାବାଦ- 'ଲଢେଇ ବିନା ମୁକ୍ତି ନାହିଁ, ପ୍ରତିବାଦ ବିନା ପ୍ରାପ୍ତି ନାହିଁ। ଭାରତୀୟ ଶ୍ରମିକ ସଂଗଠନ ମୁଖ ସୌଧ କହେ ' ନ୍ୟାୟର ମଞ୍ଜି ବୁଣ ତା ଦ୍ୱାରା ତୁମେ ଶାନ୍ତି ପାଇବ'।

ତେଣୁ ଶ୍ରମିକ ମାନଙ୍କୁ ଅବହେଳା କରି କୌଣସି ଦେଶ ଅଗ୍ରଗତ କରି ପାରିନାହିଁ। ସେମାନଙ୍କ ଶ୍ରମଦାନରେ ରାଷ୍ଟ୍ର ହୋଇଥାଏ ସମୃଦ୍ଧିଶାଳୀ। ଏ ପ୍ରସଙ୍ଗରେ ମହାମାନବ ମହାତ୍ମାଗାନ୍ଧି କହନ୍ତି " A nation may do without its millionaires and without its capitalist but a Nation can never do without its labours."ଜାତିର ପ୍ରଗତି ପାଇଁ ଶ୍ରମିକ ଶ୍ରେଣୀ ଯେ ଅପରିହାର୍ଯ୍ୟ ଏକଥା ଏଥିରୁ ସୁସ୍ପଷ୍ଟ। ତେଣୁ ଆମ ଶାସନତନ୍ତ୍ର ଶ୍ରମିକ ମାନଙ୍କୁ ଯଥାମାନ୍ୟ ସମ୍ମାନ ଦେବାସହ ତାଙ୍କର ପ୍ରତ୍ୟେକ ସୁବିଧା ଉପରେ ଦୃଷ୍ଟି ଦେବା ଦରକାର କାରଣ "ଶ୍ରମ ବିନା ସମୃଦ୍ଧି ଅସମ୍ଭବ".

*ସମ୍ପାଦକ, ମାର୍ଗଦର୍ଶୀ ଖୋର୍ଦ୍ଧା,*
*ମୋ : ୬୩୭୦୬ ୭୫୫୬୨*

# ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ


ବାଦଲ ଭୂୟାଁ

ତାଳଚେରର ଅଖ୍ୟାତ ପଲ୍ଲୀ ପୋଇପୋଳ ଆଜି ପବିତ୍ର ମୋହନ ପ୍ରଧାନଙ୍କ ଲାଗି ପରିଚିତ ପାଇଛି। ମାତୃଭୂମି ପାଇଁ ଜୀବନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ସେ ଅନ୍ୟତମ। କୋମଳ ବୟସରେ ମାତାପିତାଙ୍କୁ ହରାଇ ଖୁବ୍ କଷ୍ଟରେ ତାଙ୍କ ଜୀବନ ବିତିଥିଲା। ଚାଟଶାଳିରେ ବିଦ୍ୟାରମ୍ଭ କରିଥିଲେ। ଏଣ୍ଟ୍ରାସ ପାସ କରି କଟକ ରେଭେନ୍ସାରେ ପବିତ୍ର ନାମ ଲେଖାଇଲେ। ଉତ୍କଟ ଅର୍ଥାଭାବ ସତ୍ତ୍ୱେ ସ୍ନାତକ ହାସଲ କଲେ ଏବଂ ଟ୍ୟୁସନ କରି ମାସିକ ୭ଟଙ୍କା ପାଇଲେ। ଏହାପରେ ତାଳଚେର ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ହେଲେ। ତାଙ୍କ ଦକ୍ଷତା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଳଚେର ତତ୍କାଳୀନ ଶାସକ ତାଙ୍କୁ ନିଜ ଘରୋଇ ଶିକ୍ଷକ ଭାବେ ନିଯୁକ୍ତ କଲେ। ଆଜୀବନ ବ୍ରହ୍ମଚାରୀ ପବିତ୍ର ଥିଲେ ମାନବତାର ପୂଜାରୀ। ଗରିବ, ନୀରିହ ଗ୍ରାମବାସୀଙ୍କ ପ୍ରତି ବ୍ରିଟିଶ ଶାସନାଧୀନ ରାଜାଙ୍କ ଅତ୍ୟାଚାର ଓ ଶୋଷଣ ବିରୋଧରେ ସେ ରଣହୁଙ୍କାର ଦେଇଥିଲେ। ତାଳଚେରରେ ପ୍ରଜା ଆନ୍ଦୋଳନ ସେତେବେଳେ ଉଗ୍ର ରୂପ ନେଇଥିଲା। ତାର ମଙ୍ଗୁଆଳ ଥିଲେ ପବିତ୍ର। ବ୍ରିଟିଶ ସରକାର ପାଖରେ ମୁଣ୍ଡ ନୁଆଁଇବା ବଦଳରେ ସରକାରୀ ଚାକିରୀକୁ ସେ ପାଦରେ ଆଡ଼େଇ ଦେଇଥିଲେ। ଏଥିପାଇଁ ବ୍ରିଟିଶ ସରକାରଙ୍କଠୁ ଅକଥନୀୟ ଅତ୍ୟାଚାର ମଧ୍ୟ ସହ୍ୟ କରିଥିଲେ। ହିଜରତ ଆନ୍ଦୋଳନର ସେ ଥିଲେ ସୂତ୍ରଧର। ବାପୁଙ୍କ ଭାରତ ଛାଡ଼ ଆନ୍ଦୋଳନ ଡାକରାରେ ପବିତ୍ର ତାଳଚେର ଜେଲରୁ ପଳାୟନ କଲେ। ହେଲେ ତାଙ୍କୁ ଧରିବା ଲାଗି ତାଳଚେର ରାଜା ପୁରସ୍କାର ରାଶି ଘୋଷଣା କଲେ। ସେ କିନ୍ତୁ ସଂଗ୍ରାମୀଙ୍କ ସହ ମିଶି ଆନ୍ଦୋଳନର ବ୍ଲୁ ପ୍ରିଣ୍ଟ ତିଆରି କଲେ। ଅନେକ ସଂଘର୍ଷ ପରେ ଦେଶ ସ୍ୱାଧୀନ ହେଲା। ୧୯୪୮ରେ ଡ.ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ପବିତ୍ର ମନ୍ତ୍ରୀ ଦାୟିତ୍ୱ ବହନ କଲେ। ଏହାପରେ ଅର୍ଥମନ୍ତ୍ରୀ, ବିଜୁପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ଶିକ୍ଷା, କୃଷି, ଜନଜାତି ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରହିଥିଲେ। ଉପମୁଖ୍ୟମନ୍ତ୍ରୀ ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଓ ରାଜନୀତି କ୍ଷେତ୍ରରେ କେବଳ ତାଙ୍କର ପରିଚିତି ରହିଛି ତାହା ନୁହେଁ, ପବିତ୍ର ଜଣେ ଲେଖକ, କବି, ପ୍ରକୃତିପ୍ରେମୀ ଓ ଧାର୍ମିକ ବ୍ୟକ୍ତି ଥିଲେ। ୧୯୦୮ ଫେବୃଆରୀ ଆଜିର ଦିନ ବର୍ତ୍ତମାନର ଅନୁଗୁଳ ଜିଲ୍ଲାର ପୋଇପାଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପବିତ୍ର ମୋହନ ପ୍ରଧାନ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# କେନ୍ଦ୍ରୀୟ ବଜେଟ୍ ୨୦୨୩-୨୪- ଏକ ଦୃଷ୍ଟିପାତ


ହିମାଂଶୁ ଶେଖର ଆଚାର୍ଯ୍ୟ

ଇତି ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ସାଧାରଣ ବଜେଟ ପ୍ରଧାନମନ୍ତ୍ରୀ ଏହି ବଜେଟକୁ ଏକ ଐତିହାସିକ ବଜେଟ୍ ବୋଲି କହିଛନ୍ତି। ବଜେଟ୍ ବଞ୍ଚିତ ଲୋକଙ୍କୁ ପ୍ରାଥମିକତା ଦେଇଛି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ବଜେଟ୍ ସମ୍ପର୍କରେ ନିଜର ପ୍ରତିକ୍ରିୟାରେ ସେ ଆହୁରି କହିଛନ୍ତି ଯେ ଅମୃତ କାଳର ଏହି ପ୍ରଥମ ବଜେଟ୍ ଏକ ବିକଶିତ ଭାରତର ବିରାଟ ସଂକଳ୍ପକୁ ପୂରଣ କରିବା ପାଇଁ ଏକ ଦୃଢ ମୂଳଦୁଆ ସୃଷ୍ଟି କରିବ। ।ସେହିପରି ଅର୍ଥମନ୍ତ୍ରୀ ନିର୍ମଳାସୀତାରମଣଙ୍କ ଚଳିତ ବର୍ଷର ବଜେଟ୍ ରେ ଦେଶବାସୀଙ୍କ କ୍ଷତରେ ମଲମ ବୋଳିବାକୁ ଚେଷ୍ଟା କରିଛନ୍ତି। ଏଥି ପାଇଁ ବଜେଟ୍‌ରେ ସାମଗ୍ରିକ ବିକାଶ, ଲକ୍ଷ୍ୟ ହାସଲ, ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ଓ ବିନିଯୋଗ, ଗ୍ରୀନ୍ ଅଭିବୃଦ୍ଧି, ଯୁବଶକ୍ତି ଓ ଆର୍ଥିକ କ୍ଷେତ୍ରଭଳି ୭ଟି ଦିଗକୁ ପ୍ରାଥମିକତା ଦିଆଯାଇଛି। ଏହି ଦୃଷ୍ଟିରୁ ଅର୍ଥମନ୍ତ୍ରୀ ଚଳିତ ବଜେଟକୁ ସପ୍ତର୍ଷି ବଜେଟ ବୋଲି କହିଛନ୍ତି। ସେହିପରି ବଜେଟରେ ପ୍ରତିରକ୍ଷା , ରେଳବାଇ, ଗୃହ, ସଡକ ଓ ପରିବହନ, ଗ୍ରାମୀଣବିକାଶ କୃଷି ଭଳି ବିଭାଗ ପାଇଁ ସରକାର ଭଣ୍ଡାର ଖୋଲିଦେଇଛନ୍ତି।

ଚଳିତ ବଜେଟ ପାଇଁ ୪୫, ୦୩, ୦୯୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଯେଉଁଥିରୁ ୧୦୯୬୧ କୋଟି କେବଳ ପୁଞ୍ଜି ବ୍ୟୟ ପାଇଁ ଖର୍ଚ୍ଚ କରାଯିବ। ରାଜ୍ୟଗୁଡିକୁ ସେମାନଙ୍କ ଅଂଶ ଓ କେନ୍ଦ୍ରୀୟ ଅନୁଦାନ ଆଦି ବାବଦରେ ୧୭୯୭୫୩୭ କୋଟି ଟଙ୍କା ପ୍ରଦାନ କରାଯିବ। ୨୦୨୩-୨୪ ଆର୍ଥିକ ବର୍ଷର ବ୍ୟୟ ଅଟକଳ ତୁଲାଇବାକୁ କେନ୍ଦ୍ରସରକାର ୧୫.୪ଲକ୍ଷ କୋଟିର ଋଣ କରିବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ ଦେଖିଲେ ଆଗାମୀ ଆର୍ଥିକ ବର୍ଷର ବ୍ୟୟ ଅଟକଳ ଟପିବାର ସମ୍ଭାବନା ରହିଛି। ବଜେଟ୍‌ର କେତେକ ମୁଖ୍ୟାଂଶ ଉପରେ ଆଲୋକପାତ କରାଯିବା ଆବଶ୍ୟକ। ୧) ୯ ବର୍ଷପରେ ବଦଳିଲା ଆୟକର ସ୍ଲାବ୍, ୨ଲକ୍ଷ ଟଙ୍କାଯାଏ ଆୟଉପରେ ଦେବାକୁ ପଡିବନି ଆୟକର। ୨) ରେଳକୁ ମିଳିବ ବଳ, ୨.୪ଲକ୍ଷ କୋଟିର ବ୍ୟୟ ବରାଦ ୩) ଖୋଲିବ ୧୫୭ ମେଡିକାଲ ଓ ନୂତନ ନର୍ସିଂ କଲେଜ ୪) ଆସନ୍ତା ୩ବର୍ଷରେ ୭୪୦ ଏକଲବ୍ୟ ସ୍କୁଲରେ ୩୮୮୦୦ ଶିକ୍ଷକ ଏବଂ ସହାୟକକର୍ମଚାରୀଙ୍କ ନିଯୁକ୍ତି ହେବ। ୫) ପ୍ରଧାନମନ୍ତ୍ରୀ ଆବସ ଯୋଜନା ପାଇଁ ବ୍ୟୟ ବରାଦରେ ୬୬ ପ୍ରତିଶତ ବୃଦ୍ଧି ୬) ମିଲେଟ୍ ପାଇଁ ଶ୍ରୀ-ଅନ୍ନ ଯୋଜନା ଘୋଷଣା, ପ୍ରତିଷ୍ଠା ହେବ ଉତ୍କର୍ଷକେନ୍ଦ୍ର। ୭) ୩୦ସ୍କିଲ୍ ଇଣ୍ଡିଆ ଆନ୍ତର୍ଜାତିକ କେନ୍ଦ୍ର ପ୍ରତିଷ୍ଠା। ୮) ଏମ୍,ଏସ୍.ଏମଇ ଗୁଡିକ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍‌ର ହେଲା ନବୀକରଣ। ୯) ବରିଷ୍ଠ ନାଗରିକ ସଞ୍ଚୟ ଆକାଉଣ୍ଟ ଯୋଜନାରେ ସର୍ବାଧିକ ଜମା ସୀମା ୧୫ ଲକ୍ଷରୁ ୩୦ଲକ୍ଷକୁ ବୃଦ୍ଧି। ୧୦) ୧୦ ହଜାର ବାୟୋଇନ୍‌ପୁଟ୍ ଉତ୍ସକେନ୍ଦ୍ର ପ୍ରତିଷ୍ଠା ହେବ।

ଅମୃତକାଳ ବଜେଟରେ କେତେକ ସାମଗ୍ରୀ ଶସ୍ତା ହୋଇଥିବାବେଳେ ଆଉ କେତେକ ସାମଗ୍ରୀ ମହଙ୍ଗା ହୋଇଛି। ବୈଦ୍ୟୁତିକଯାନ ଟିଭି, ଷ୍ଟିଲ୍ ଖେଳନା, ସାଇକେଲ. ଅଟୋମୋବାଇଲ, ମୋବାଇଲଫୋନ ଓ କ୍ୟାମେରା ଲେନ୍ସ ଶସ୍ତା ହୋଇଥିବାବେଳେ ସୁନା, ରୂପା, କପଡା, କିଚେନ, ଚିମିନି, ସିଗାରେଟ ଓ ହେଡଫୋନ ମହଙ୍ଗା ହୋଇଛି ଚଳିତ ବଜେଟ୍ କୁ ନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କିଏ କହୁଛି ବିକାଶର ବଜେଟ୍ ତ କିଏ କହୁଛି ନୂତନତ୍ୱ କିଛି ନାହିଁ। ଏହି ବଜେଟ୍‌ରେ ପରିବହନ ଲାଗି, ୫୧୭୦୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ, ପ୍ରତିରକ୍ଷା ଲାଗି ୪୩୨୭୨୦କୋଟି ରେଳବାଇ ଲାଗି ୨୪୦୦୦୦କୋଟି , ଗ୍ରାମୀଣ ବିକାଶ ଲାଗି ୨୩୮୨୦୪କୋଟି , ଶିକ୍ଷା ଲାଗି ୧୨୮୯୯କୋଟି କୃଷିଲାଗି ୮୪୨୧୪କୋଟି, ନଗରଉନ୍ନୟନ ଲାଗି ୭୬୪୩୨କୋଟି, ବାଣିଜ୍ୟ ଓ ଶିଳ୍ପଲାଗି ୪୮୧୬୯କୋଟି ସ୍ୱାସ୍ଥ୍ୟଲାଗି ୮୮୯୬୮କୋଟି ଆଇଟି ଓ ଟେଲିକମ ଲାଗି ୯୩୪୭୮କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୨୦୧୨୩-୨୪ ଆର୍ଥିକବର୍ଷ ଲାଗି ମୋଟ ବଜେଟ ପରିମାଣ ହୋଇଛି ୪୫ଲକ୍ଷ କୋଟି ଟଙ୍କା ଋଣବ୍ୟତୀତ ଆୟ ପରିମାଣ ରହିଛି ୨୭.୨ଲକ୍ଷ କୋଟି ମୋଟ କରବାବଦ ଆୟ ପରିମାଣ ରହିଛି ୨୩.୩ କୋଟି ଏହି ବଜେଟରେ ରାଜସ୍ୱ ନିଅଣ୍ଟ ପରିମାଣ ରହିଛି ଜିଡିପିର ୫.୯ପ୍ରତିଶତ ମୋଟ ପୁଞ୍ଜିନିବେଶ ପରିମାଣ ୩୩ ପ୍ରତିଶତ ଅର୍ଥାତ ୧୦ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

ଚଳିତ ବର୍ଷର ବଜେଟ୍ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅମୃତକାଳର ଏହି ପ୍ରଥମ ବଜେଟ୍ ଏକ ବିକଶିତ ଭାରତର ବିରାଟ ସଂକଳ୍ପକୁ ପୂରଣ କରିବା ପାଇଁ ଏକ ଦୃଢ ମୂଳଦୁଆ ସୃଷ୍ଟି କରିବ। ଏଥିରେ ବଞ୍ଚିତ ଲୋକଙ୍କୁ ପ୍ରାଥମିକତା ଦିଆଯାଇଛି ବୋଲି ସେ ମଧ୍ୟ କହିଛନ୍ତି। ଏଥିସହିତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅମୃତ କାଳର ଏହା ପ୍ରଥମ ବଜେଟ୍ ବୋଲି ମତରଖିଛନ୍ତି। ଏହି ବଜେଟରେ ରେଳବାଇ ପାଇଁ ୨.୪୦କୋଟି ବ୍ୟୟବରାଦ କରାଯାଇଥିବାବେଳେ ପ୍ରତିରକ୍ଷା ବଜେଟ୍ ୫.୯୪ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ବଜେଟ୍‌କୁ ୮.୩ ପ୍ରତିଶତ ବୃଦ୍ଧି କରାଯାଇଛି। ପୁଣି କୁହାଯାଇଉଛି ୭ଲକ୍ଷ ପର୍ଯ୍ୟନ୍ତ ଆୟ ନାହିଁ ଟିକସ ଭୟ। ପ୍ରଧାନମନ୍ତ୍ରୀ ଆଗାମୀ ୨୫ ବର୍ଷ ଦେଶ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହୁଚନ୍ତି ସେହି ଦୃଷ୍ଟିରୁ ଅବହେଳିତ ଓ ମଧ୍ୟମବର୍ଗଙ୍କ ଉନ୍ନତିକୁ ଅଗ୍ରାଧିକାର ଦିଆଯାଇଛି। କିନ୍ତୁ ସ୍ୱାସ୍ଥ୍ୟ ଓ ମନରେଗାରେ ବ୍ୟୟହ୍ରାସ ଗରିବଙ୍କୁ ପ୍ରଭାବିତ କରିବ। ସର୍ବନିମ୍ନ ସହାୟକ ମୂଲ୍ୟରେ ଶସ୍ୟ ସଂଗ୍ରହ କ୍ଷେତ୍ରରେ ଏହା ବଡବାଧକ ସାଜିବ ସେହିପରି ମଧ୍ୟବିତ୍ତଙ୍କ ପାଇଁ ରନ୍ଧନ ଗ୍ୟାସ ଓ ଖାଇବା ତୈଳ ଦାମ୍ ବୃଦ୍ଧି ପାଉଥିବାବେଳେ ମଧ୍ୟବିତ୍ତ ଲୋକଙ୍କ ଆୟଅନୁସାରେ ବ୍ୟୟ ଅଧିକ ହେଉଛି। ବିଶ୍ୱ ପରିପ୍ରେକ୍ଷୀରେ ଋଷ ୟୁକ୍ରେନ୍‌ଯୁଦ୍ଧ ଓ ମହାମାରୀ କରୋନା ପରବର୍ତ୍ତୀ ଅର୍ଥବ୍ୟବସ୍ଥାରେ ସୁଧାର ଓ ଯୁବକମାନଙ୍କର ଦକ୍ଷତା ବିକାଶ ତଥା ନିଯୁକ୍ତିର ସଂପ୍ରସାରଣର ଯଥେଷ୍ଟ ଗୁରୁତ୍ୱ ରହିଛି।

ସରକାର ଚଳିତ ବଜେଟ୍‌କୁ ଅମୃତକାଳର ବଜେଟ୍ ବା ବିକାଶର ବଜେଟ୍ ବୋଲି କହୁଥିବା ବେଳେ ବିରୋଧିମାନେ ଏହାକୁ ନିର୍ବଚନୀ ଓ କର୍ପୋରେଟ୍ ବଜେଟ୍ କହି କଟାକ୍ଷ କରିଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କ ପ୍ରତିକ୍ରିୟାରେ ବଜେଟ୍‌ର କିଛି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କେତେକ ଦିଗପ୍ରତି ବଜେଟ୍‌ରେ ଅଣଦେଖା କରାଯାଇଛି ବୋଲି ସେ ପୁଣି କହିଛନ୍ତି। ଏହି ବଜେଟ୍‌ରେ ସାତଟି କ୍ଷେତ୍ରକୁ ଗୁରୁତ୍ୱ ମଧ୍ୟବିତ୍ତଙ୍କ ପାଇଁ ଆୟକର ରହାତି ଗରିବଲୋକଙ୍କ ପାଇଁ ଆବାସ ଯୁବବର୍ଗଙ୍କ ଦକ୍ଷତା ବିକାଶ, ମହିଳାଙ୍କ ସଞ୍ଚୟ ଆଦି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ତେବେ ମୋଦି ସରକାର ଦ୍ୱିତୀୟପାଳିର ଅନ୍ତିମ ପୂର୍ଣ୍ଣାଙ୍ଗ ବଜେଟ୍ କେତେ ସଫଳ ହେବ ତାହା ସମୟ କହିବ !

ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# କୁନ୍ତଳା କୁମାରୀ ସାବତ


ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାର ପ୍ରସିଦ୍ଧ କବି, ଔପନ୍ୟାସିକ କୁନ୍ତଳା କୁମାରୀ ସାବତ। ଉତ୍କଳ ଭାରତୀ ନାମରେ ସେ ଖ୍ୟାତ। ଉଭୟ ଓଡ଼ିଆ ଓ ହିନ୍ଦୀରେ ସେ ଲେଖନୀ ଚାଳନା କରିଥିଲେ। ବଙ୍ଗଳା ଓ ଇଂରାଜୀ ମଧ୍ୟ ଶିଖିଥିଲେ। ଜଗଦଲପୁରସ୍ଥିତ ବସ୍ତର ଅଞ୍ଚଳରେ ଜନ୍ମିତ କୁନ୍ତଳା ବାପାଙ୍କ ଡାକ୍ତରୀ ପେସା ହେତୁ ବର୍ମାରେ ରହିଥିଲେ। ସେଠାରୁ ଫେରି କଟକ ରେଭେନ୍ସା ବାଳିକା ବିଦ୍ୟାଳୟରେ ଅଧ୍ୟୟନ କଲେ। ଏହାପରେ ମେଡ଼ିକାଲ ପଢ଼ିଲେ। ଏଲ୍.ଏମ୍.ପି. ପାସ କରିବା ପରେ ରେଡ଼କ୍ରସ ସଂଚାଳିକା ଭାବେ ସାତବର୍ଷ କାମ କଲେ। ପରେ ଡାକ୍ତରୀ କରିବାକୁ ଦିଲ୍ଲୀ ଗଲେ। ଓଡ଼ିଶାରେ ଥିବାବେଳେ କୁନ୍ତଳା ବହୁ କବିତା ଓ ଉପନ୍ୟାସ ରଚନା କରିଥିଲେ। ଉତ୍କଳ ସାହିତ୍ୟ, ସହକାର ପତ୍ରିକାରେ ତାଙ୍କ ଲେଖାଗୁଡ଼ିକ ପ୍ରକାଶ ପାଉଥିଲା। ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା, ଗଡ଼ଜାତ କୃଷକ ଆଦି କୁନ୍ତଳାଙ୍କ କୃତିରାଜି। ତାଙ୍କର ଅସଂପୂର୍ଣ୍ଣ କାବ୍ୟ ମଣିକାଞ୍ଚନ, ମୃତ୍ୟୁର ଅନେକ ଦିନ ପରେ ପ୍ରକାଶ ପାଇଥିଲା। କ୍ରାନ୍ତି ଉପନ୍ୟାସ ପରେ ନଅତୁଣ୍ଡି, କାଳିବୋହୂ, ପରଶମଣି ଓ ରଘୁ ଅରକ୍ଷିତ ପ୍ରକାଶ ପାଇଥିଲା। ନାରୀ ଜାଗରଣ, କୁସଂସ୍କାର ଦୂରୀକରଣ, ଅନ୍ୟାୟ ଓ ଅତ୍ୟାଚାର ଆଦିର ସେ ମୁକାବିଲା କରୁଥିଲେ ଲେଖନୀ ମାଧ୍ୟମରେ। ସୃଜନଶକ୍ତିରୁ ତାଙ୍କ ଦେଶପ୍ରୀତି ଓ ଭାଷାପ୍ରୀତି ସ୍ପଷ୍ଟ ବାରି ହୁଏ। ପରଦା ପ୍ରଥା, ବାଲ୍ୟବିବାହ ବିରୋଧୀ କୁନ୍ତଳା ବିଧବା ବିବାହ ଓ ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ। ୧୦୯୧ ଫେବୃଆରୀ ଆଜିର ଦିନ ଭୂମିଷ୍ଠ ହୋଇଥିଲେ ମହିୟସୀ କୁନ୍ତଳା କୁମାରୀ ସାବତ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ସୁପରମମ୍ ସିଣ୍ଡ୍ରୋମ୍


ଡାକ୍ତର ସମ୍ରାଟ କର

ଅନେକ ଦିନ ପରେ ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ବ୍ୟସ୍ତଭରା ଫୋନ ପାଇଲି ସେ ତାଙ୍କ ବାନ୍ଧବୀ ଅନୀତା ସମ୍ପର୍କରେ ଜଣାଇ କହିଲେ ଯେ ତାଙ୍କ ଜୀବନ ବହୁତ ବ୍ୟସ୍ତପୂର୍ଣ୍ଣ। ଘର, ପରିବାର ଓ ସଂସାରକୁ ନେଇ ଏକ ଯୌଥ ପରିବାରରେ ସେ ରୁହନ୍ତି କିନ୍ତୁ ଦୁଃଖର କଥା କିଛି ଦିନ ହେଲା ସେ ଏକ ପ୍ରକାର ଅସ୍ୱାଭାବିକ ଭାବେ ଶାରୀରିକ ଓ ମାନସିକ ଭାବେ ଜଣାଯାଉଛନ୍ତି। ମୁଁ ତାଙ୍କୁ କହିଲି ଏହାକୁ ନେଇ ସେତେଟା ବ୍ୟସ୍ତ ହେବା ଜରୁରୀ ନୁହେଁ ଏହା ହେଉଛି ଏକ ପ୍ରକାର ମାନସିକ ସମସ୍ୟା ଯାହାକୁ ସୁପରମମ୍ ସିଣ୍ଡ୍ରୋମ କୁହାଯାଏ। ସ୍ୱାମୀ, ପିଲା ଏବଂ ପରିବାର ଠାରୁ ଆରମ୍ଭ କରି ଘରର ସବୁ ଦାୟିତ୍ୱ ଜଣେ ମା' ମୁଣ୍ଡରେ ଥାଏ। ଏହି ଦାୟିତ୍ୱ ସହିତ ମା'ମାନେ ବାହାରକୁ ଯାଇ ଚାକିରି ମଧ୍ୟ କରୁଛନ୍ତି। ଯେଉଁ ମା'ମାନେ ଘର, ପିଲାଛୁଆ ଏବଂ ଅଫିସ ଦାୟିତ୍ୱକୁ ଭଲ ଭାବେ ତୁଲାଇ ପାରିଥାନ୍ତି, ସେମାନଙ୍କୁ କୁହାଯାଇଥାଏ ସୁପରମମ୍। ଏତା ଏକ ପ୍ରକାର ସିଣ୍ଡ୍ରୋମ ମଧ୍ୟ। ଏତେ ଗୁଡ଼ିଏ କାମର ବୋଝ ସମ୍ଭାଳିବା ବେଳେ ବେଳେ ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିଥାଏ। ଏହି ମାନସିକ ସ୍ଥିତିକୁ ସୁପରମମ୍ ସିଣ୍ଡ୍ରୋମ କୁହାଯାଇଥାଏ। ଏହି ସିଣ୍ଡ୍ରୋମ ପ୍ରାୟ ସବୁ କାର୍ଯ୍ୟରତ ମା'ମାନଙ୍କ ଠାରେ ଦେଖାଦେଇଥାଏ। ଏହା ସେମାନଙ୍କର ଶାରୀରିକ ଏବଂ ମାନସିକ ସମସ୍ୟାର କାରଣ ହୋଇଥାଏ। ଆଜିକାଲି ମହିଳାମାନେ ସବୁ କାମ ନିଜେ କରିବାକୁ ଚେଷ୍ଟା କରୁଛନ୍ତି, ଆତ୍ମନିର୍ଭର ହେଉଛନ୍ତି। କିନ୍ତୁ ଅଫିସ କାମ ଏବଂ ଘର କାମ ଭିତରେ ସନ୍ତୁଳନ ରଖିବା ସେତେଟା ସହଜ ନୁହେଁ। ଏତାପରେ ମଧ୍ୟ ସେମାନଙ୍କ ଉପରେ ଆଦର୍ଶ ପ୍ୟାରେଣ୍ଟ ଏବଂ ସ୍ତ୍ରୀ ହେବାର ଚାପ ପକାଯାଇଥାଏ। ଏସବୁ ଭିତରେ ନିଜର ଦାୟିତ୍ୱ ନେବା ସେମାନେ ଭୁଲି ଯାଆନ୍ତି। ଯାହାଦ୍ୱାରା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଥାଏ। ସୁପରମମ୍ ସିଣ୍ଡ୍ରୋମର ମୁଖ୍ୟ ଲକ୍ଷଣ ହେଲା ସବୁବେଳେ ଚାପରେ ରହିବା। ଏହା ଅନେକ ଗମ୍ଭୀର ରୋଗର କାରଣ ହୋଇପାରେ। ଚାପ ଯୋଗୁ ଚିଡ଼ିଚିଡ଼ା ଲାଗିବା, କାମରେ ମନ ନଲାଗିବା, ମୁଡ଼ ସ୍ୱିଙ୍ଗ, ଇମୋସନାଲ ଫିଲିଙ୍ଗ ଆଦି ମହିଳାଙ୍କଠାରେ ଦେଖାଦେଇଥାଏ। ଶାରୀରିକ ଲକ୍ଷଣ ଗୁଡ଼ିକ ହେଲା ଓଜନ ବୃଦ୍ଧି ପାଇବା, ପେଟ ସମସ୍ୟା, ମାଂସପେଶୀରେ କଷ୍ଟ, ନିଶ୍ୱାସ ନେବାରେ ସମସ୍ୟା। ସୁପରମମ୍ ସିଣ୍ଡ୍ରୋମ ସମସ୍ୟା ଦେଇ ଗତି କରୁଥିବା ମା' ମାନେ ନିଜ ଉପରେ ଜମାରୁ ଧ୍ୟାନ ଦେଇନଥାନ୍ତି। ସେମାନେ ନିଜର ଆବଶ୍ୟକତାକୁ ଗୁରୁତ୍ୱ ଦେବା ବଦଳରେ ଅନ୍ୟଙ୍କ ଆବଶ୍ୟକତାକୁ ପ୍ରଥମେ ଦେଖିଥାନ୍ତି। କୌଣସି ଜିନିଷରେ ସେମାନେ ଖୁସି ହୋଇ ପାରିନଥାନ୍ତି। କିନ୍ତୁ ସୁପରମମ୍ ସିଣ୍ଡ୍ରୋମ ବିନା ଡକ୍ଟର କିମ୍ବା ମେଡ଼ିସିନ ଦ୍ୱାରା ମଧ୍ୟ ଭଲ ହୋଇପାରିବ। ଏହାକୁ ଭଲ କରିବାକୁ ହେଲେ ପ୍ରଥମେ ନିଜ ପାଇଁ ସମୟ ବାହାର କରିବାକୁ ହେବ ଏବଂ ଜୀବନଶୈଳୀ ପରିବର୍ତ୍ତନ କରିବାକୁ ପଡ଼ିବ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ସତ୍ୟବାଦୀର ଶେଷସଖା : ଆଚାର୍ଯ୍ୟ ହରିହର


ଅକ୍ଷୟ କୁମାର ରାଉତ

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ। ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ। ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର। ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି। ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ। ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ। ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ। ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା। ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ। ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ। ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ। ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା। ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ। ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ। ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ। ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଲବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ। ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର। ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି। ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି। କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ। ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ। ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ। କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ। ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ। ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ। କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ। ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ। ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ। ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ। ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି। ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ। ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି। ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର। ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ। ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା। ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ। ୧୯୩୧ରେ ହରିହର ଜେଲରେ ଥାଆନ୍ତି। ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା। ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ। ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ। ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ। ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ। ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ। ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର। ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଳ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ। ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ। କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ। ଓ ଡ଼ି ଶା ର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ। ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା। ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ। ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ। ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି। ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ। ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା। ସେ ଏକାବେଳକେ ତଟସ୍ଥ ହୋଇଗଲେ। ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା। ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ। ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ। ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି। ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି। ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି। ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା। ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ। କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍। ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ। ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ ନଂ - ୯୯୩୭୬୯୧୪୭୫*




## ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଗଣଧାରଣା



କୋଣାର୍କ (ପିଏନ୍)-କୋଣାର୍କ ଥାନାନ୍ତର୍ଗତ ଶିମିଳି ଗ୍ରାମ ପ ାୟତରେ ଦୁଇ ରାଜନୈତିକ ଗୋଷ୍ଠିର ବିବାଦ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସରପ ଙ୍କ ସମର୍ଥକଙ୍କ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଘଟଣାରୁ ପ୍ରକାଶ ଯେ ଗତ ୩ ତାରିଖ ଦିନ ଶିମିଳି ଗ୍ରାମ ପ ାୟତରେ କିଛି ବ୍ୟକ୍ତି ସରପ ବିଶ୍ୱଜିତ ସ୍ୱାଇଁଙ୍କ ଅନୁପସ୍ଥିତିରେ ଶିମିଳି ଗ୍ରାମ ପ ାୟତ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାରଧର କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସରକାରୀ କାଗଜାତ ଚିରାଚିରି କରି କିଛି ଫାଇଲ ନେଇ ଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲିଖିତ ଅଭିଯୋଗରୁ ଜଣାପଡିଛି କି ବିଜୟ କୁମାର ସେଠ୍, ଶରତ କୁମାର ବରାଳ, ଦୁଷ୍ମନ୍ତ କୁମାର ବରାଳ, ରଜନୀ ସେଠ୍, କୃଷ୍ଣମୋହନ ବାରିକ, ଲକ୍ଷ୍ମୀଧର ବାରିକ, ସନ୍ତୋଷ ବରାଳ ଓ ବଟକିଶୋର ସେଠ୍‌ଙ୍କ ସମେତ ୨୦ଜଣରୁ ଅଧିକ ବ୍ୟକ୍ତି ପ ାୟତ କାର୍ଯ୍ୟାଳୟରେ ପ୍ରବେଶ କରି ଏପରି କାଣ୍ଡ ଭିଆଇବା ପରେ ପ ାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିବା ସରପ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇ ବିଭିନ୍ନ ଦଫା ଲାଗିଥିଲେ ମଧ ସେମାନଙ୍କୁ ପୋଲିସ ଘ ଘୋଡାଉଥିବା ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକଦଳର ଏହି ଗୋଷ୍ଠିର ବ୍ୟକ୍ତିମାନେ ବାରମ୍ବାର ଏପରି କରୁଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ଏମାନେ ନିର୍ଭୟରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅରାଜକତା କରୁଥିବାରୁ ଶିମିଳି ପ ାୟତର ଶତାଧିକ ପୁରୁଷ ଓ ମହିଳା କୋଣାର୍କ ଥାନା ସମ୍ମୁରେ ଧାରଣାରେ ବସିରହିଥିଲେ । ଲଗାଣ ବର୍ଷା ହେଉଥିଲେ ବି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାରତ ପ ାୟତବାସୀଙ୍କ ପାଖକୁ ଆସି ବୁଝାସୁଝା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ପ ାୟତବାସୀମାନେ ଗଣଧାରଣାରୁ ହଟିଥିଲେ ।

## ରେଳଲାଇନରେ ଯୁବକର ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ରେଳଷ୍ଟେସନ ନିକଟରେ ରେଳଲାଇନରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଏହି ଥାନା ଜାଏମା ପଂଚାୟତ ଅନ୍ତର୍ଗତ ଅନ୍ତପୁର ଗ୍ରାମର ବାବନ ସାହୁଙ୍କ ପୁଅ ପ୍ରତାପ ରାଉତ(୩୫) ବୋଲି ଜଣାପଡିଛି । ପ୍ରତାପ ଜାରକାସ୍ଥିତ ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ । ସେ ଗତକାଲି ସକାଳୁ ଘରୁ ରାଗିଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ । ପରେ ଗତକାଲି ଅପରାହ୍ନରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଥିଲା । ଖବର ପାଇ ଯାଜପୁର ରୋଡ ଜିଆରପି ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କୁ ଭେଟିଲା ସଂଗ୍ରାମୀ ଯୁବ ଛାତ୍ର ସଂଗଠନ

ଭୁବନେଶ୍ୱର (ପିଏନ୍): ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ 'ପୋଲ ନାହିଁ, ଭରାନଦୀରେ ପାର ହେଉଛନ୍ତି ୫୦ ପିଲା' ଶୀର୍ଷକ ରିପୋର୍ଟଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ଘୁଗୁଡ଼ିପଡ଼ା ପ ାୟତ ଦେଇ ପ୍ରବାହିତ ହେଉଥିବା ବୃ ଙ୍ଗ ନଦୀର କାଚପଲ୍ଲୀ ଓ ଖଚୁଡ଼ି ଘାଟ ଦେଇ ୫୦ରୁ ଉର୍ଦ୍ଧ୍ୱ ପିଲା ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଭରା ନଦୀ ଭିତର ଦେଇ ପାର ହେଉଛନ୍ତି । ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅ ଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସହିତ ଆଲୋଚନା କରାଯାଇଥିଲା । ଶ୍ରୀମତୀ ପ୍ରଧାନ ଘଟଣାଟିକୁ ଗମ୍ଭୀରତାର ସହକାରେ ନେଇ ମାମଲାଟିକୁ ପଞ୍ଜିକୃତ କରିବା ସହ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ ପାଇଁ ପ୍ରତିଶୃତି ପ୍ରଦାନ କରିଛନ୍ତି । ଏହାସହ ପିଲାମାନେ ସ୍କୁଲକୁ ସୁବିଧାରେ ଯାଆସ କରିବା ପାଇଁ ଶୀଘ୍ର ସେତୁ ନିର୍ମାଣ ପାଇଁ ଆଦେଶ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସଂଗ୍ରାମୀ ଯୁବଛାତ୍ର ସଂଗଠନର ସଂଯୋଜକ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ସହସଂଯୋଜିକା ବିନ୍ଦୁଜା ଉପାଧ୍ୟାୟ, ସ ୍ତା ମହାନ୍ତି, ସହସଂଯୋଜକ ବିନୋଦ କୁମାର ରାଉତ ଶ୍ରୀମତୀ ପ୍ରଧାନଙ୍କୁ ଭେଟିଥିଲେ ।

## ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ: ଦୁଇବର୍ଷ ପରେବି ଚାଲିପାରିଲାନି ପ୍ୟାସେଞ୍ଜର ଟ୍ରେନ୍



କେନ୍ଦ୍ରାପଡ଼ା (ପିଏନ୍): ବହୁ ପ୍ରତିକ୍ଷିତ ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୨ବର୍ଷ ବିତିଯାଇଥିଲେ ମଧ ସେହି ରେଳପଥରେ ପ୍ୟାସଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ । ଏ ସମ୍ପର୍କରେ ରାଜନେତାଙ୍କ ସ୍ୱର ଧିରେ ଧିରେ ମଉଳି ଗଲାଣି । ଓଡିଶା ବିଧାନସଭାରେ ଜିଲ୍ଲାର ବିଧାୟକମାନେ ହରିଦାସପୁର-ପାରଦୀପ ରେଳପଥରେ ପ୍ୟାସେଞ୍ଜର ଟ୍ରେନ୍ ଚଲିବାକୁ ସ୍ୱର ଉ ାଳନ କରୁଛନ୍ତି ନା ଲୋକସଭାରେ ଓଡିଶାର ସାଂସଦ ମାନେ ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରୁଛନ୍ତି । କେନ୍ଦ୍ରାପଡା ପ୍ରତି ଏହା ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲାବାସୀ ଧରି ନେଲେଣି । ଓଡିଶାର ପ୍ରମୁଖ ବନ୍ଦର ଥିବା ସହରକୁ ସଂଯୋଗ କରୁଥିବା ପାରାଦୀପ-ହରିଦାସପୁର ରେଳପଥ ଦୀର୍ଘବର୍ଷର ଦାବି ପରେ ସମ୍ଭବ ହୋଇପାରିଛି । ଗତ୨୦୨୦ ମସିହା ଜୁଲାଇ ମାସ ୩୦ ତାରିଖରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା । ସେହି ସମୟରେ ଏହି ରେଳପଥରେ ଖୁବ୍ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ଦୀର୍ଘ ୮୨ କି.ମି ବିଶିଷ୍ଟ ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିବ ବୋଲି ପୂର୍ବରୁ ରେଳପଥ ପକ୍ଷରୁ କୁହାଯାଇଥିଲା । ୧୯୯୭ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଳମ୍ବ ଘଟିଥିଲା । ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚାଲିବା ଆରମ୍ଭ ହୋଇଥିଲା । ଏହି ରେଳପଥ ମଧ୍ୟରେ ୯ଗୋଟି ଷ୍ଟେସନ ରହିଛି । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରି, ବାଜିପଡା ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ମାର୍ଶାଘାଇ, କଳାଗଡ, ନୂଆଗାଁ ଓ ସିଜୁ ଷ୍ଟେସନ ରହିଛି । ଏହି ସବୁ ଷ୍ଟେସନ ଗୁଡିକକର ଉନ୍ନତିକରଣ କାର୍ଯ୍ୟ ରେଳ ବିକାଶ ନିଗମ ପକ୍ଷରୁ ହାତକୁ ନିଆଯାଇଛି । ତେବେ କାର୍ଯ୍ୟ ମନ୍ଥର ଗତିରେ ଚଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ସହିତ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳରେ ଅନିଶ୍ଚିତତା ଦେଖାଦେଇଛି । ୨୦୨୧ କେନ୍ଦ୍ର ବଜେଟରେ ଏହି ରେଳପଥ ପାଇଁ ଏକଶହ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା । ଏହି ଅର୍ଥରେ ୨ ଜିଲ୍ଲାରେ ଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ସହ ଷ୍ଟେସନ ଗୁଡିକରେ ଯାତ୍ରୀ ବିଶ୍ରାମାଗର, ଶୌଚାଳୟ, ଅପେକ୍ଷାଗାର ପ୍ରଭୃତି ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । କିନ୍ତୁ ସେହି ଅର୍ଥକୁ ରେଳଷ୍ଟେସନ କାର୍ଯ୍ୟରେ ନିୟୋଜିତ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ରେଳ ପ୍ରକଳ୍ପ ବିଷୟରେ ପୂର୍ବତଟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି । ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିଲେ ଜଗତସିଂହପୁର, ପାରାଦୀପ ସହିତ କେନ୍ଦ୍ରାପଡା, ଯାଜପୁର ପ୍ରଭୃତି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ । ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ ଏହି ରେଳ ପ୍ରକଳ୍ପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାବାସୀ ଜମି ଏବଂ ଭୂମି ହରାଇ ବହୁ କଷ୍ଟ ସ୍ୱୀକାର ସହିଛନ୍ତି । ଏଥିସହିତ ଏହି ରେଳ ପ୍ରକଳ୍ପ ପାଇଁ ଜିଲ୍ଲାର ବିଭିନ୍ନ ଅ ଳରୁ ଯେଉଁ ମାଟି ଯୋଗାଣ ହୋଇଛି, ତାହା ଆସନ୍ତା ଏକଶହ ବର୍ଷ ପର୍ଯ୍ୟନ୍ତ ପୁରଣ ହୋଇପାରିବ ନାହିଁ । ଏଥିସହିତ ଏହି ରେଳ ପ୍ରକଳ୍ପ ଯୋଗୁଁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ପାଲଟିଛି । ଦୂରଦୃଷ୍ଟିର ଅଭାବ ଯୋଗୁଁ ଉଦବୃ ବର୍ଷା ଏବଂ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରେଳ ପ୍ରକଳ୍ପ କ ୃପକ୍ଷଙ୍କ ଅପାରଗତା ଯୋଗୁଁ ରେଳଧାରଣାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ଏହା ଏକ ଜୋର ଭଳି ଭ୍ରମ ସୃଷ୍ଟି କରିବା ସହିତ ହଜାର ହଜାର ଏକର ଜମିରେ ଜଳ ନିଷ୍କାସନ ହୋଇ ନପାରିବାରୁ ଫସଲ ହାନି ଘଟୁଛି । ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

## ଭୁଲ ମାଗିବାରୁ ଠକକୁ ଛାଡ଼ିଦେଲା ପୋଲିସ୍

ଧର୍ମଶାଳା (ପିଏନ୍): ଭୁଲ୍ ମାଗିବାରୁ ଜଣେ ଠକକୁ ଛାଡ଼ିଦେଲା ପୋଲିସ୍ । ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ପ ାୟତ ମୁଣ୍ଡମାଳ ଗ୍ରାମର ଜଣେ ଯୁବକ ହନୁମାନ ପଇସା ଦେବ କହି କେତେକ ଲୋକଙ୍କ ଠାରୁ ଟଙ୍କା ଠକି ନେଇଥିଲା । ହନୁମାନ ପଇସା ଦେଇପାରୁ ନଥିବାରୁ ଟଙ୍କା ଦେଇଥିବା ଲୋକ ତାକୁ ମାରପିଟ୍ କରିଥିଲେ । ନିଜ ଗାଁରେ ତାକୁ ହଟହଟା ହେବାକୁ ପଡ଼ିଛି । ଜଣେ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରିବା ପାଇଁ ପ୍ରବର୍ତାଉଥିବା ବେଳେ ଧରା ପଡ଼ିଥିଲା । ପରିବାର ଲୋକ ଘଟଣା ସଂପର୍କରେ ଜାଣି କୋତପୁର ଫାଣ୍ଡିରେ ଏତଲା ଦେବା ପରେ ପୁଲିସ୍ ତାକୁ ଉଠାଇ ନେଇଥିଲା । ଫାଣ୍ଡିରେ ଉକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଭୁଲ୍ ମାଗିବା ସହ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାର ସମାଧାନ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଣ୍ଡମାଳ ଗ୍ରାମର ସଂପୃକ୍ତ ଯୁବକ ଏକ ର୍ୟାକେଟ୍ କରି ଧର୍ମଶାଳା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ଟଙ୍କା ଅଗ୍ରିମ ଆଣିଥାଏ । ଟଙ୍କା ଠକି ନେବାପରେ ଆଉ ଧରାଛୁଆଁ ଦିଏନାହିଁ । ଏଥିପାଇଁ ଉକ୍ତ ଯୁବକ ବହୁବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଛି । ଏହା ସତ୍ୱେ ନୂଆ ନୂଆ ସ୍ଥାନରେ ପହ ି ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ନିଜ ର୍ୟାକେଟ୍ ସହଯୋଗରେ ଟଙ୍କା ଲୁଟି ନେଉଥିଲା । ସେହିପରି ଝିଅପିଲାଙ୍କୁ ନାଚ ଶିଖାଇବ ବୋଲି କହି ସେମାନଙ୍କୁ ଅନୈତିକ କାମରେ ଲଗାଉଥିବା ନେଇ ତା' ନାଁରେ ବହୁ ଅଭିଯୋଗ ରହିଛି । ଏହିପରି ଅନେକ ଅଭିଯୋଗ ସ୍ଥାନୀୟ ଅ ଳର କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ସମାଧାନ କରି ଉକ୍ତ ଯୁବକ ଆଇନ ଜାଲରୁ ଖସି ଯାଉଥିବା ଜଣାପଡ଼ିଛି ।

## ଶିଶିର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଙ୍ଗୁଲାଇ ନିକଟସ୍ଥ ଜରିପଡା ଗ୍ରାମରେ ସମାଜସେବୀ ଶିକ୍ଷକ ନେତା ଶିଶିର ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ । ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଙ୍ଗୁଲାଇ ଶାଖାର ସଭାପତି ରହିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ମାର୍ଶାଘାଇ ପ ାୟତ ସମିତିର ପୂର୍ବତନ ଅଧକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ଅରବିନ୍ଦ ପରିଡା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୀଳମାଧବ ରାଉତ, ନେତ୍ରାନନ୍ଦ କର, ବଳରାମ ସାହୁ, ଶ୍ରୀକାନ୍ତ ସାହୁ, ଉମାକାନ୍ତ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିବାର ପକ୍ଷରୁ ସାନଜ୍ୱାଇଁ ଓ ନାତୁଣୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଏବଂ ଅ ଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଏହି ପଂଚାୟତ କୋହ୍ଲ ଗ୍ରାମର ମକର ସାହାଣୀ (୬୫) ବୋଲି ଜଣାପଡିଛି । ସେ ଗତକାଲି ସନ୍ଧ୍ୟାରେ ଘରୁ ଆସି ଆଉ ଫେରିନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ପାଇ ନଥିଲେ । ହେଲେ ଆଜି ଅପରାହ୍ନରେ ସ୍ଥାନୀୟ ଅଂଚଳର କିଛି ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ । ପରବର୍ତୀ ସମୟରେ ଏହା ସ୍ଥାନୀୟ କୋହ୍ଲ ଗ୍ରାମର ମକର ସାହାଣୀଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ଥାନା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଜିଲ୍ଲାରେ ପ୍ରଥମ ଥର ତିନିଜଣ ଭିନ୍ନକ୍ଷମଙ୍କୁ ଥେରାପିଉଟିକ ସେବା ପାଇଁ ଭୁବନେଶ୍ୱର ପ୍ରେରଣ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭୁବନେଶ୍ୱରର ପୋଖରୀପୁଟ ଠାରେ ରାଜ୍ୟ ଭିନ୍ନକ୍ଷମ ଅନୁଷ୍ଠାନ ଗଠନ କରି ସେଠାରେ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ ଆସୁଥିବା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଥେରାପିଉଟିକ ସେବା ଓ ସ୍ୱତନ୍ତ୍ର ଶିକ୍ଷା (ସଙ୍ଗୀତ, କଳା, କ୍ରାଫ୍ଟ) ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସେଠାରେ ଅଭିଜ୍ଞ ପ୍ରଶିକ୍ଷକମାନେ ରହି ମାଗଣାରେ ଏହି ସେବା ଯୋଗାଇ ଦେଉଛନ୍ତି । ସେଠାରେ ରହୁଥିବା ଭିନ୍ନକ୍ଷମ ଓ ଜଣେ ସହାୟକଙ୍କ ରହିବା, ଖାଇବା ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏପରିକି ତାଙ୍କ ଘରଠାରୁ ଉକ୍ତ ଅନୁଷ୍ଠାନ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ନେଇ ପହ ୍ଚାଇବା ଓ ଫେରାଇଆଣି ଘରେ ପହ ୍ଚାଇବାର ବ୍ୟବସ୍ଥା ରହିଛି ।

ଏହି ମର୍ମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକର ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଦୁଇ ଯାଆଁଳା ପିଲା ଅହମ ସ୍ୱାଇଁ (୪ ବର୍ଷ) ଓ ଅହଲ୍ୟା ସ୍ୱାଇଁ (୪ ବର୍ଷ) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ବଡମୂଳବସନ୍ତ ଗ୍ରାମର ବାଦଲ ମଲ୍ଲିକଙ୍କ ୬ବର୍ଷର ସାଇ ମଲ୍ଲିକଙ୍କ ଅଭିଭାବକଙ୍କୁ ବୁଝାଇ ଏକ ସ୍ୱତନ୍ତ୍ର ଗାଡିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶନୀଙ୍କ ତ ୍ୱାବଧାନରେ ପଠାଯାଇଛି । ସେମାନଙ୍କୁ ପ୍ରଶାସନ ଦୁଇଟି ସ୍ୱତନ୍ତ୍ର ଗାଡିରେ ତାଙ୍କ ଗ୍ରାମରୁ ଜିଲ୍ଲା କାର୍ଯ୍ୟାଳୟକୁ ଆଣିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା ଓ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ପିଲାମାନଙ୍କୁ ଖେଳନା ଓ ମିଠା ପ୍ୟାକେଟ ଦେଇ ସ୍ୱାଗତ କରିଥିଲେ ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ଏହି ନୂତନ ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିବା ପରେ ଉଭୟ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଗାଡିକୁ ଭୁବନେଶ୍ୱର ଅଭିମୁଖେ ପଠାଇଥିଲେ । ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଭିନ୍ନକ୍ଷମଙ୍କୁ ସେବା ଯୋଗାଇଦେବାରେ ଅଗ୍ରାଧିକାର ଦେଉଥିବାର ପ୍ରମାଣ ଆଜିର ଏହି କାର୍ଯ୍ୟକ୍ରମ ଏକ ଅଂଶବିଶେଷ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି । ଏଭଳି ଏକବର୍ଷରୁ ୧୪ ବର୍ଷର ଭିନ୍ନକ୍ଷମ ପିଲାମାନେ ଯଦି ମାଗଣାରେ ଥେରାପିଉଟିକ ସେବା ଚାହାନ୍ତି ତେବେ ସ୍ଥାନୀୟ ବ୍ଲକ କିମ୍ବା ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଅଳପୁଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବୀ ଜୋର ଧରିଲା

କେନ୍ଦ୍ରାପଡ଼ା (ପିଏନ୍): ଚିର ବନ୍ୟା, ବାତ୍ୟା ପ୍ରପିଡିତ ଅଳପୁଆ ପ ାୟତ ଅଧିବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ୱେ ହାଇସ୍କୁଲ ପରିସରରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି ପ୍ରଶାସନର କାଳକ୍ଷେପଣ ନୀତି ପଟ୍ଟାମୁଣ୍ଡାଇ ଧୋୟା ଳର ଅଧିବାସୀମାନଙ୍କୁ ନିରାଶ କରିଛି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳକୁ ସୁରକ୍ଷା ଦୃଷ୍ଟିକୋଣରୁ ଭାଙ୍ଗି ଦିଆଯାଇଥିଲା । କାରଣ ସଂପୃକ୍ତ କୋଠାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଥିଲା । ତେବେ ସେହି ସ୍ଥାନରେ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ପ୍ରଶାସନର ପ୍ରତିଶୃତି ପାଣିରେ ଗାର ସଦୃଶ ହୋଇଛି । ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଏ ସମ୍ପର୍କରେ ଅଳପୁଆବାସୀଙ୍କ ପକ୍ଷରୁ ପ୍ରଶାସନ ଓ ନେତୃମଣ୍ଡଳୀଙ୍କୁ ବାରମ୍ବାର ଅବଗତ ମଧ କରାଯାଇଛି । କିନ୍ତୁ ଅଦ୍ୟାବଧି କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅଳପୁଆ ପ ାୟତ ଅଧିବାସୀଙ୍କ ପକ୍ଷରୁ ସମାଜସେବୀ ଅକ୍ଷୟ କୁମାର ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବିଜ୍ଞପ୍ତି

ମୁଁ ଶ୍ରୀମତୀ ପୂର୍ଣ୍ଣବାସୀ ପାଢ଼ୀ, ବୟସ ୭୫ ବର୍ଷ। ସ୍ୱାମୀ-ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଘୋଷଣା କରୁଅଛି ଯେ, ମୂଳ ଦଲିଲ ନଂ ନମ୍ବର ୧୯୫୯, ତା ୨୬.୦୪.୧୯୯୬ରିଖ କଳିଙ୍ଗ ନାଥ, ପିତା- ସ୍ୱର୍ଗତ ଉମେଶ ନାଥ ଶ୍ରୀ ପଞ୍ଚାନନ ସାହୁ, ପିତା- ଶ୍ରୀ କାଣ୍ଡୁରୀ ସାହୁ ଯିଏ ମୋ ସପକ୍ଷରେ ସମ୍ପତ୍ତିର ମାଲିକାନା ହସ୍ତାନ୍ତର କରିଛନ୍ତି ତାହା ମୋର ହେପାଜତରୁ ଭୁଲ ସ୍ଥାନିତ ହୋଇଛି ଏବଂ ମୁଁ ଅସମର୍ଥ ଥିବାରୁ ମୋର ସର୍ବୋତ୍ତମ ପ୍ରୟାସ ସମ୍ପତ୍ତିର ସମାନ ଖୋଜିବାକୁ ମୌଜା-ଭୀମପୁର, ଖାତା ନମ୍ବର ୨୦୦/୧୬୨, ପ୍ଲଟ୍ ନମ୍ବର ୩୫୮/୭୫୯ ରେ ଥିବା ସମ୍ପତ୍ତି ସମ୍ବନ୍ଧରେ ଉକ୍ତ ଟାଇଟଲ୍ ଦଲିଲ ଜମା କରି ମୁଁ କିମ୍ବା ମୋର ପରିବାର ସଦସ୍ୟ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନ ସହିତ କୌଣସି ସମାନ ବନ୍ଧକ / ଚାର୍ଜ କରିନାହୁଁ। କ୍ଷେତ୍ର ଏ.ସି.୦.୦୮୦ ଡିସିମିଲ ସ୍ଥିତିବାନ୍-କିସମ-ଘରବାରୀ-୧ (ହୋମଷ୍ଟେଡ୍) । ତାହା ହେଉଛି, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜନପଥ ଶାଖା, ଭୁବନେଶ୍ୱର ଏହି ସମ୍ପତ୍ତିକୁ ବନ୍ଧକ ରଖି ମୋ ସପକ୍ଷରେ ଅଗ୍ରୀମ ଋଣ ପ୍ରଦାନ କରିବାକୁ ଆପାତତ୍ ନିଷ୍ପତି ନେଇଛନ୍ତି। ଯଦି କୌଣସି ବ୍ୟକ୍ତି, ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ ଉକ୍ତ ମୂଳ କାଗଜପତ୍ର ଋଣ ପ୍ରଦାନ କରିବା ନିମନ୍ତେ ବନ୍ଧକ ରଖିଛନ୍ତି ତେବେ ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି / ବିଜ୍ଞାପନର ପ୍ରକାଶନ ତାରିଖ ଠାରୁ ସାତ ଦିନ ମଧ୍ୟରେ ସେମାନଙ୍କୁ ନିମ୍ନ ଠିକଣାରେ ସ୍ୱାକ୍ଷରକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି ।

ଶ୍ରୀମତୀ ପୂର୍ଣ୍ଣବାସୀ ପାଢ଼ୀ
ଠିକଣା: ଡିଏଲଏ-୨୩
ଭି.ଏସ.ଏସ. ନାଗର ହାଉସିଂ ବୋର୍ଡ କଲୋନୀ,
ଥାନା- ସହିଦ ନଗର, ଭୁବନେଶ୍ୱର
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା

## ପଣ୍ଡକିଟାଲ ଚାରିଛକରେ ଅଂଶୁଘାତ ପ୍ରତି ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,(ପି.ଏନ): ଜଳ ହିଁ ଜୀବନ । ଗ୍ରୀଷ୍ମ ସମୟର ଅସହ୍ୟ ଖରାରେ ଆମେ ଅତିଷ୍ଠ । ପଥଚାରୀମାନଙ୍କୁ ଥଣ୍ଡା ବା ଦହି ପାଣି ଯୋଗାଇଦେଲେ ସେମାନେ ବେଶ ଆନନ୍ଦିତ ହୋଇଥାନ୍ତି । ଏହି କଥାକୁ ଲକ୍ଷ୍ୟ କରି ପଣ୍ଡକିଟାଲ ଅପର ପ୍ରାଇମେରୀ ସ୍କୁଲର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ପଣ୍ଡକିଟାଲ ଚାରିଛକରେ ଆୟୋଜିତ ହୋଇଥିବା ଜଳଛତ୍ର କାର୍ଯ୍ୟକ୍ରମର ଭବ୍ୟ ସଭାରେ ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ଜଳଛତ୍ର କାର୍ଯ୍ୟକ୍ରମ ବିକଳ୍ପ ମାତ୍ର, ମୁଖ୍ୟ ଉଦ୍ଦେଶ୍ୟ ଜନସାଧାରଣଙ୍କୁ ଅଂଶୁଘାତ ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ ତଥା କରୋନା ଭୂତାଣୁ ପ୍ରତି ସତର୍କ ରହିବା ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡା. ରାଧାକାନ୍ତ ଗଡତିଆ, ରାମପୁର ଥାନା ଅଧିକାରୀ ଅବିନାଶ କୁମାର ପଧାନ, ରାଜ୍ୟ ସଡକ ଓ ପରିବହନ ବିଭାଗ ଦ୍ୱାରା ଗୋଲଡେନ୍ ଆୱାର ହିରୋ ସମ୍ମାନରେ ପୁରସ୍କୃତ ହୋଇଥିବା ବ୍ୟକ୍ତିତ୍ୱ ରାମ ନାରାୟଣ ଦାଶ, ପଣ୍ଡକିଟାଲ ସରପଂଚ ଗୋବିନ୍ଦ ସେଠ, ପ୍ରାକ୍ତନ ଜେଆରସିଓ ସୁରେଶ ପଧାନ, ଉପସଭାପତି ଗତିକୃଷ୍ଣ ମିଶ୍ର, ରକ୍ଷକ ସାଧନକର୍ମୀ ଚନ୍ଦମଣି ବାଘ ପ୍ରମୁଖ ଯୋଗଦେଇ ଜଳଛତ୍ର କାର୍ଯ୍ୟକ୍ରମ ବେଶ ସମୟ ଉପଯୋଗୀ ବୋଲି କହିବା ସହିତ ସୁବର୍ଣ୍ଣପୁର ଜିଲ୍ଲା ଜୁନିଅର ରେଡକ୍ରସର ଗୋଷ୍ଠୀ ଭିତିକ ମାନବୀୟ ସେବାର ପ୍ରସାର କରିବାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦୋକାନୀ. ପଥଚାରୀ, ବସଯାତ୍ରୀ ଓ ଜନସାଧାରଣଙ୍କୁ ଅଂଶୁଘାତ ପ୍ରତି ସଚେତନତା, ମାସ୍କ ବଂଟନ ତଥା ଦହିଚଲା ବଂଟନ କରାଯାଇଥିଲା । ବରିଷ୍ଠ ସାଧନ କର୍ମୀ ହୃଷିକେଶ ଡାଙ୍ଗ ସଭା ସଂଯୋଜନା କରିଥିଲେ । ରକ୍ଷକ ସାଧନକର୍ମୀ ତଥା ନୋଡାଲ ଅପର ପ୍ରାଇମେରୀ ସ୍କୁଲର ଜୁନିୟର ରେଡକ୍ରସ କାଉନସିଲର ତପସ୍ୱିନୀ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କାର ?୨୪କ୍ରମରେ ବଡକଲ୍ଲୁର ହାଇସ୍କୁଲର ପରାମର୍ଶଦାତା ରବିନ୍ଦ୍ର ଦୀପ, ବେହେରାମାଲ ହାଇସ୍କୁଲର ପରାମର୍ଶଦାତା ଘନଶ୍ୟାମ ମେହେର, ରାମପୁର ବାଳିକା ଉଚ୍ଚ ବିଦ୍ୟାଳୟର ପରାମର୍ଶଦାତ୍ରୀ ତରଙ୍ଗିନୀ ମହାପାତ୍ର, ଚନ୍ଦଲି ସ୍କୁଲର ରମେଶ ପଧାନ, କମିଟି ସଦସ୍ୟ ସତ୍ୟ ପଧାନ, ଶିକ୍ଷକ ପ୍ରମୋଦ ବାରିକ, ରୀତା ମେହେର, ଜାହ୍ନବୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥବା ବେଳେ ଡୁଙ୍ଗୁରିପାଲି ବ୍ଲକର ବିସିସି ନିମାଇ ଚରଣ ମଲ୍ଲୀକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ମାନଙ୍କୁ ପଛୁଆ ବର୍ଗର ସର୍ଭେ କାର୍ଯ୍ୟରେ ନିୟୋଜିତ କରାନଯାଉ

ଜୟପୁର,(ପି.ଏନ): ଜୟପୁର ବ୍ଲକର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆଜି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଶିକ୍ଷକ ମାନଙ୍କୁ ପଛୁଆ ବର୍ଗର ସର୍ଭେ କାର୍ଯ୍ୟରେ ନିୟୋଜିତ କରାନଯିବାକୁ ଦାବି କରାଯାଇଛି। ଜୟପୁର ବିଡିଓ, ପୌର କାଯ୍ୟନିବାହୀ ଅଧିକାର ଓ ଗୋଷ୍ଠି ଶିକ୍ଷାଧିକାରିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଓବିସି ସର୍ଭେ ନିମନ୍ତେ ତାଲିମ ନେବା ପାଇଁ ଶିକ୍ଷକ ମାନଙ୍କୁ ଚିଠି କରାଯାଇଛି । ସରକାର ପୂର୍ବ ନିୟମ ଅନୁଯାଇ ସମସ୍ତ ପକ୍ରିୟା ଶେଷ ହୋଇଛି ।

## Affidavit

**Change of Name & Date of Birth**

By virtue of an affidavit no 59AA 486461 dtd. 05.04.2023

I Sovamanjari Panda , W/o- Nirmal Chandra Panda, At-Chakada, Po-Sribaladevjew, Ps- Kendrapara Town, Pin-754212, Dist-Kendrapara. Declare that my actual name is Sovamanjari Panda which is mentioned in my Aadhaar Card & my actual date of birth is 05.05.1954 as mentioned in my Pan card.

But unfortunately my name & date of birth has wrongly been mentioned in LIC Policy no. 586108594 as Sova rani Panda & date of birth 14.02.1957.

Henceforth I shall be known as Sovamanjari Panda having date of birth 05.05.1954 with no change in my residential address.

## ମଦନମୋହନଙ୍କ ଟାହିଆ ପ୍ରସ୍ତୁତି

ପୁରୀ,(ପି.ଏନ): ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ମାନବୀୟଲୀଳା ସଦୃଶ୍ୟ ମହାପ୍ରଭୁ ମଧ ନରେନ୍ଦ୍ର ପୁଷ୍କରଣୀରେ ନୌବିହାର କରିବା ସହ ଚନ୍ଦନ କୁଣ୍ଡରେ ବିଶ୍ରାମ ନେଇଥାନ୍ତି । ବାର ମାସରେ ତେର ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ । ୨୧ ଦିନ ବାହାର ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ନରେନ୍ଦ୍ର ପୁଷ୍କରଣୀରେ ବିଜେ କରିଥାନ୍ତି । ଏଥିପାଇଁ ମଦନମୋହନଙ୍କ ନିମନ୍ତେ ପ୍ରତିଦିନ ଫୁଲ ଟାହିଆ ଲାଗି ହୋଇଥାଏ । ଏହି ଟାହିଆ ନିର୍ମାଣ ଶୈଳି କଷ୍ଟ ସାଧ ଓ ସମୟ ସାପେକ୍ଷ ହୋଇଥିଲେ ମଧ ନୀତି ସେବା କରୁଥିବା ସେବକମାନେ ମହାପ୍ରଭୁଙ୍କ ପାଇଁ ଏହି ସେବା ଯୋଗାଇ ଦେଇଥାନ୍ତି । ପ୍ରତିଦିନ ମହାପ୍ରଭୁ ମଦନମୋହନ ସୁସଜ୍ଜିତ ଓ ସୁଗନ୍ଧିତ ପୁଷ୍ପ ସମ୍ଭାର ଟାହିଆ ସହ ଚାପ ଖେଳିଥାନ୍ତି । ଶ୍ରୀମନ୍ଦିରରୁ ଚଳନ୍ତି ପ୍ରତିମା ମଦନମୋହନ ମଣି ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରଣୀରେ ଚନ୍ଦନ ଚକଡ଼ାରେ ବିଜେ କରିଥାନ୍ତି । ଏହି ସମୟରେ ମହାପ୍ରଭୁଙ୍କୁ ଟାହିଆ ଲାଗି କରାଯାଇଥାଏ । ବହୁବର୍ଷ ପୂର୍ବେ କେନ୍ଦୁଝର ରାଜା ସ୍ୱତନ୍ତ୍ର ଭାବେ ବାଉଁଶ କାଠି ଖିଲଣ କରି ଟାହିଆ ଯୋଗାଉଥିଲେ । ପରେ ଏହି ଟାହିଆ ଛାଞ୍ଚ ଜଗନ୍ନାଥ ବଲ୍ଲଭ ମଠର ଜଣେ ସାଧୁ ନିର୍ମାଣ କରିଥିଲେ । ପରେ ଦଇତାପଡ଼ି ସାହିର ଅବଧୁତ ପଟ୍ଟନାୟକ ସାଧୁଙ୍କ ପରିବାର ଦ୍ୱାରା ତିଆରି ହୁଏ । ଏହି ବୈଷ୍ଣବ ପରିବାର ଅତ୍ୟନ୍ତ ନିଷ୍ଠାର ସହ ଏହି ଟାହିଆ ନିର୍ମାଣ କରି ଯୋଗାଇ ଆସୁଛନ୍ତି । ଦେଖିବାକୁ ଟାହିଆ ଛୋଟ କିନ୍ତୁ ଏହା ଦ୍ୱାରା ପୁରା ଦିନ ଆଉ ବହୁତ ଲୋକଙ୍କ ପରିଶ୍ରମରେ ତିଆରି ହୁଏ । । ଏହି ଟାହିଆରେ ବିଭିନ୍ନ ସୁଗନ୍ଧିତ ପୁଷ୍ପ ତଥା ଜାଇ ଜୁଇ ଫୁଲ,ବଉଳ ଫୁଲ,ସୁବର୍ଣ୍ଣ ଗନ୍ଧା,ମଲ୍ଲି, ଚମ୍ପା, ଗୋଲାପ, ଦୟଣା, କନିୟର,ରଙ୍ଗଣୀ ଫୁଲ,ପଣସପତ୍ର ,ଖଡ଼ିକା ସହ କଦଳି ପଟୁକା ବ୍ୟବହୃତ ହୋଇଥାଏ । ଟାହିଆ ନିର୍ମାଣ ପାଇ ଏକାଗ୍ରତା ନିଷ୍ଠା ଓ ସମର୍ପଣ ଭାବ ରଖି ଟାହିଆ ସେବା ଯୋଗାଇ ଦେଇଥାନ୍ତି । ବୈଷ୍ଣବ ପରିବାର ବନ୍ଧୁ ବାନ୍ଧବ ଓ ଅନ୍ୟାନ୍ୟ ବୈଷ୍ଣବ ଏହି ଟାହିଆ ତିଆରି ରେ ନିଜକୁ ନିୟୋଜିତ କରି ଧନ୍ୟ ମନେ କରନ୍ତି । ସମସ୍ତ ନିୟମ ମାନି ଶୃଙ୍ଖଳିତ ଭାବରେ ଟାହିଆ ତିଆରି କାର୍ଯ୍ୟ ସମ୍ପାଦିତ କରିଥାନ୍ତି ।

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତରେ ଯାଜପୁର ଜିଲାପାଳ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏକ ଗୁରୁତ୍ୱପୁର୍ଣ୍ଣ ସ୍ୱାସ୍ଥ୍ୟ କେନ୍ଦ୍ର । ଏଠାକୁ ଦୈନଦିନ ଶହଶହ ରୋଗୀ ଏଠାକୁ ଆସିଥାନ୍ତି । ହେଲେ କିଛି ଦିନ ହେବ ଏଠାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ଘେରରେ ରହିଛି । ଏହାର ଉନ୍ନତି ପାଇଁ ଆଜି ଅପରାହ୍ନରେ ଯାଜପୁର ଜିଲାପାଳ ଚକ୍ରବର୍ତୀସିଂହ ରାଠୋର ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଂହଚି ପ୍ରଥମେ ଏମସିଏଚ ବିଲଡିଂ ପରିଦର୍ଶନ କରିଥିଲେ । ଏହାର ଭିତିଭୂମି ଯାଂଚ କରିବା ସହ ଏହାର ରୂପାନ୍ତରିକରଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ । ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ରୂପାନ୍ତରିକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି କ୍ରମରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଭିତିଭୂମିର ଉନ୍ନତିକରଣ କରାଯିବ । ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ।

## ରଥଯାତ୍ରାରେ ବଢୁଛନ୍ତି ଭକ୍ତ - ବଢୁନି ବଡ଼ଦାଣ୍ଡ

ପୁରୀ,(ପି.ଏନ): ପ୍ରତିବର୍ଷ ଆଷାଢ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଏହି ଯାତ୍ରା ଦେଖିବାକୁ ପୁରୀ ଆସୁଛନ୍ତି । ଡ଼ିଜିଟାଲ ଯୁଗରେ ଟିଭି ଫୋନ ସାଟେଲାଇଟ ଜରିଆରେ ବର୍ତମାନ ଏହି ରଥଯାତ୍ରା ଦର୍ଶନ କରୁଛନ୍ତି । ରଥାରୁଢ ଚକାଆଖି ସହ ଭକ୍ତର ଆଖି ମିଳନ ପାଇଁ ବଡ଼ଦାଣ୍ଡକୁ ଧାଇଁ ଆସୁଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ । ତାଳଧ୍ୱଜ,ନନ୍ଦିଘୋଷ ଓ ଦର୍ପଦଳନ ରଥ ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଭକ୍ତଙ୍କ ଦ୍ୱାରା ଟଣା ହୋଇ ବିଜେ କରିଥାନ୍ତି । ସେହିପରି ବାହୁଡ଼ାଯାତ୍ରା ଦିନ ଗୁଣ୍ଡିଚା ମନ୍ଦିର ଠାରୁ ସିଂହଦ୍ୱାର ରଥ ବାହୁଡ଼ି ଥାଏ । ଶ୍ରୀଗୁଣ୍ଡିଚା ଦିନ ତିନି ରଥ ସିଂହଦ୍ୱାରରେ ଲାଗିଥିବା ବେଳେ ଭକ୍ତଙ୍କ ସୁଅ ସିଂହଦ୍ୱାର ଆଡ଼କୁ ଛୁଟିଥାଏ । ପ୍ରତିବର୍ଷ ଭକ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ବଡ଼ଦାଣ୍ଡର ଓସାର ବଢୁନଥିବାରୁ ଅଣନିଶ୍ୱାସୀ ହେଉଛନ୍ତି ଭକ୍ତ । ଅଧିକ ଭକ୍ତ ମରଚିକୋଟ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଭକ୍ତମାନେ ରୁନ୍ଧି ହୋଇ ରହିଥାନ୍ତି । ରଥ ଟଣା ସମୟରେ ଭକ୍ତମାନେ ବଡ଼ଦାଣ୍ଡରୁ ବାହାରି ଯିବା ପାଇଁ ଚେଷ୍ଟା କଲେ ମଧ କୌଣସି ଉପାୟ ନଥିଲେ ମଧ ବାଧ ହୋଇ ଠେଲାପେଲାରେ ଫଶିଥାନ୍ତି । ସିଂହଦ୍ୱାର ନିକଟ ବଡ଼ଆଖଡ଼ା ମଠ, ସାନଛତା ମଠ ଦୋଳବେଦି କୋଣ ଓ ଶ୍ରୀକୃଷ୍ଣ ସିନେମା ପାର୍ଶ୍ୱ ଭଙ୍ଗା ଯାଇ ଓସାର କରାଯାଇଥିବା ବେଳେ ବଡ଼ଦାଣ୍ଡର ପୂର୍ବ ପାର୍ଶ୍ୱ କଂସାପଟି ଓ ଅନ୍ୟ ମଠ ଭଙ୍ଗା ନଯିବାରୁ ସେହି ଠାରେ ଭକ୍ତ ଗହଳି ବଢିବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ବାଲିସାହି ରାସ୍ତା,ଦୋଳମଣ୍ଡପ ସାହି ରାସ୍ତା ଓ ଲୋକନାଥ ରୋଡ଼ ଓସାରିକରଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ବଡ଼ଦାଣ୍ଡର ଉଭୟପାର୍ଶ୍ୱ ଡ୍ରେନ ଠାରୁ ଆଉ ୧୦ ଫୁଟ ଓସାର କରିବା ପାଇଁ ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଢୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ଖେଳ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Monday May 01, 2023 ଭୁବନେଶ୍ୱର ସୋମବାର, ମଇ ୦୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଏଟିଏମ ଭାଙ୍ଗି ଟଙ୍କା ଲୁଟ ଉଦ୍ୟମ ପଣ୍ଡ,ଚୋର ଫେରାର



ମାଲକାନଗିରି ଓଡା,(ପି.ଏନ): ମାଲକାନଗିରି ସଦରମହକୁମା ସ୍ଥିତ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏଟିଏମକୁ ଭାଙ୍ଗି ଏଟିଏମ ଦୁର୍ବୃତ୍ତ ମାନେ ଟଙ୍କା ଲୁଟ ପାଇଁ ଉଦ୍ୟମ କରୁଥିବା ବେଳେ ହଠାତ ସାଇରନ ବାଜି ଉଠିଥିଲା ଓ ବ୍ୟାଙ୍କ କର୍ମଚ଼ାରୀ ଜଣଙ୍କ ପୋଲିସ କଣ୍ଟ୍ରୋଲ ରୁମକୁ ଖବର ଦେବା ପରେ ଘଟଣା ସ୍ଥଳରେ ପେଟ୍ରୋଲିଂ କରୁଥିବା ପୋଲିସ ପହଞ୍ଚି ଯିବାରୁ ଚୋ. ଦୁହେଁ ଚ଼ମ୍ପଟ ମାରିଥିଲେ ଓ ଫଳରେଏଟିଏମରୁ ଟଙ୍କା ଲୁଟ୍ ଉଦ୍ୟମ ପଣ୍ଡ ହୋଇଥିଲା ଓ ଘଟଣାରୁ ପ୍ରକାଶ ଯେ,ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ୍ ରୁ ଆଜି ଭୋ ପାହାନ୍ତାରୁ ଦୁଇ ଜଣ ଚୋର ଏଟିଏମ୍ କୁ ଭାଙ୍ଗି ଟଙ୍କା ଲୁଟ କରିବା ପାଇଁ ଭିତରେ ପ୍ରବେଶ କରିଥିଲେ ଓ ଏଟିଏମ ଭାଙ୍ଗିବା ପାଇଁ ଉଦ୍ୟମ କଲା ବେଳ. ହଠାତ୍ ସାଇରନ ବାଜିଥିଲା ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟକୁ ଆଲର୍ଟ ମେସେଜ ଯିବାରୁ ସେ ତୁରନ୍ତ ମାଲକାନଗିରି ଥାନାକୁ ଫୋନ କରିଥିଲେ ଓ ମାଲକାନଗିରି ଥାନାରୁ ପୋଲିସ ପାଟ୍ରୋଲିଂ ଗାଡ଼ି ଏଟିଏମ ନିକଟରେ ପହଞ୍ଚିଥିଲା ଓ ଗାଡ଼ିର ଶବ୍ଦ ଶୁଣି ଦୁଇ ଜଣ ଚୋର ସେଠାରୁ ଚ଼ମ୍ପଟ ମାରିଥିଲେ ଓଫଳରେ ଏଟିଏମ ରୁ ଟଙ୍କା ଲୁଟ ଯୋଜନା ପଣ୍ଡ ହୋଇଛିଓପୋଲିସ ଦୁଇ ଜଣ ଚୋରକୁ ଧରିବା ପାଇଁ ଚେଷ୍ଟା କରୁଥିବା କୁହାଯାଇଛି ।

# ଠିକା ଶ୍ରମିକ ମଜୁରୀ ବୃଦ୍ଧି ଓ ଅନ୍ୟାନ୍ୟ ଶ୍ରମିକ ସମସ୍ୟାକୁ ନେଇ ବଲାଣି ଲୌହ ଖଣି ଠାରେ ଏଆଇଟିୟୁସି ପକ୍ଷରୁ ବିରାଟ ଶ୍ରମିକ ସମାବେଶ

ବଲାଣି, (ପି.ଏନ): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍)ର ବଲାଣି ଲୌହ ଖଣି ଠାରେ ଏଆଇଟିୟୁସି ସହ ସହବନ୍ଧିତ କେଉଁଝର ମାଇନ୍ସ ମଜଦୁର ୟୁନିୟନ ପକ୍ଷରୁ ଏକ ବିରାଟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ପକ୍ଷରୁ ଶତାଧିକ ଶ୍ରମିକଙ୍କୁ ନେଇ ବିରାଟ ଶ୍ରମିକ ଶୋଭାଯାତ୍ରା ଖଣି ମୁଖ୍ୟ ଫାଟକ ଠାରୁ ବାହାରି ସହର ପରିକ୍ରମା ପରେ ଜେଏନଆରସି ହଲ ଠାରେ ପହଂଚିଥିଲା । ସେଠାରେ ସଂଘର ଅଧ୍ୟକ୍ଷ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଷ୍ଟିଲ୍ ଫେଡେରେସନର ଅଧ୍ୟକ୍ଷ ତଥା ଏଆଇଟିୟୁସିର ସର୍ବ ଭାରତୀୟ ସଭାପତି ରମେନ୍ଦ୍ର କୁମାର, ଏଆଇଟିୟୁସିର ସର୍ବଭାରତୀୟ ସାଧାରଣ ସଂପାଦକ ଅମରଜିତ କାଉର, ଉପାଧ୍ୟକ୍ଷ ବିଦ୍ୟାସାଗର ଗିରି, କେଉଁଝର ମାଇନସ ମଜଦୁର ୟୁନିୟନ ସମ୍ପାଦକ ଅରବିନ୍ଦ ସାହି, ଉପସଭାପତି ସୈଳେନ୍ଦ୍ର ସିଂ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବକ୍ତବ୍ୟ ମାଧ୍ୟମରେ ନେତୃବୃନ୍ଦ ଖଣିରେ ରହିଥିବା ଶ୍ରମିକ ସମସ୍ୟା ସମ୍ବନ୍ଧରେ ରଣ ହୁଙ୍କାର ଦେଇଥିଲେ । ଚାରି ବର୍ଷରୁ ଅଧିକ ସମୟ ବିତିଲା ପରେ ବି ସେଲ୍ କର୍ତ୍ତୃପକ୍ଷ ମଜୁରୀ ବୃଦ୍ଧି ଚୁକ୍ତିନାମା କରୁନାହାନ୍ତି । ସେଲ୍ କର୍ତ୍ତୃପକ୍ଷ ବିଭାଗୀୟ ଶ୍ରମିକ ସଂଖ୍ୟା କମ୍ କରିବା ସହ ଠିକାଦାର ଶ୍ରମିକ ମାନଙ୍କ ଦ୍ୱାରା ଖଣି କାର୍ଯ୍ୟ ଚଳାଉଛନ୍ତି । ସେଲର ଅନ୍ୟ ଖଣିରେ ଡାଉନ୍ ଗ୍ରେଡ୍ ବ୍ୟବସ୍ଥା ଲାଗୁ ହେଲା ବେଳେ ବଲାଣି ଖଣିରେ ଲାଗୁ କରାଯାଉନାହିଁ । ଖଣିରେ ଲୁହା ପଥର ଉତ୍ପାଦନ ଦଶ ବର୍ଷ ମଧ୍ୟରେ ତିନି ଗୁଣା ବୃଦ୍ଧି ପାଇଥିବା ବେଳେ ବିଭାଗୀୟ ଶ୍ରମିକଙ୍କ ସଂଖ୍ୟା ପନ୍ଦର ଶହରୁ ଚାରି ଶହକୁ ହ୍ରାସ କରାଯାଇଛି । ତା ବଦଳରେ ଠିକାଦାର ଶ୍ରମିକ ସଂଖ୍ୟା ବାର ଶହରୁ ଅଧିକ ହୋଇଛି । ଠିକାଦାର ମାଧ୍ୟମରେ ଶ୍ରମିକ ମାନଙ୍କୁ କମ ମଜୁରୀରେ କାମ କରାଯାଇ ବିଭିନ୍ନ ପ୍ରକାର ଶୋଷଣ କରାଯାଉଛି । ସୋସିଆଲ୍ ସିକ୍ୟୁରିଟି ଯଥା ବୋନସ୍, ଗ୍ରାଚ୍ୟୁଇଟି, ଅନ୍ୟାନ୍ୟ ଛୁଟି, ରିଟ୍ରେଂଚମେଂଟ ବେନିଫିଟ୍, ମେଡିକାଲ ସୁବିଧା, ଘର ଭଡା ଇତ୍ୟାଦି ଠିକାଦାର ଶ୍ରମିକ ମାନଙ୍କୁ ଦିଆଯାଉନାହିଁ । ଠିକାଦାର ବଦଳିବା ସମୟରେ ଛଟେଇ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତିର ଆଇନରେ ବ୍ୟବସ୍ଥା ଥିଲେ ମଧ୍ୟ ତାହା ବଲାଣି ଖଣି କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି । ଏହା ବ୍ୟତୀତ ବଲାଣି ଖଣି ଅଂଚଳର ସବୁଠାରୁ ବଡ଼ ସମସ୍ୟା ଭାବରେ ପରିଗଣିତ ବେକାରୀ ସମସ୍ୟା ଉପରେ ନେତୃବୃନ୍ଦ ଚିନ୍ତା ପ୍ରକଟ କରିଥିଲେ । ବଲାଣି ଖଣିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କୁ ବାହାର ରାଜ୍ୟରୁ ଆଣି ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ସ୍ଥାନୀୟ ବେକାରୀ ଯୁବକ ଯୁବତୀ ମାନଙ୍କୁ ସୁଯୋଗ ଦିଆ ଯାଉନାହିଁ । ଜନ ଶୁଣାଣି ସମୟରେ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ବେକାରୀ ମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ପାଳନ କରୁ ନାହାନ୍ତି । ଏ ନେଇ ଶ୍ରମିକ ସଂଗଠନ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବାକୁ ଏହି ସମାବେଶରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ସ୍ୱର୍ଗତ ପ୍ରଶାନ୍ତ କୁମାର ଦାଶଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

ଦର୍ପଣ, (ପି.ଏନ):ଚଣ୍ଡିଖୋଲଛକ ସନ୍ନିକଟ କ୍ଷେତ୍ରପାଳ ଗ୍ରାମର ପ୍ରଶାନ୍ତ କୁମାର ଦାଶଙ୍କ ଦ୍ୱାଦଶାହ ତିଥିରେ ଜିଲ୍ଲା ପୂଜ୍ୟପୂଜା ପରିଷଦ ଆନୁକୁଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ନିଖିଳ ଉତ୍କଳ ଶିଶୁମେଳା ସମିତିର ସଭାପତି ଶିଶୁ ସାହିତ୍ୟିକ ଡ.ପ୍ରିୟନାଥ ମହାପାତ୍ର ଅଧ୍ୟକ୍ଷତା କରାଥିଲେ । ସଭ ସଂଚାଳନ କରିଥିଲେ ଶିଶୁ ସୌରଭ ତଥା ପୂଜ୍ୟ ପୂଜା ପରିଷଦର ଆବାହକ ଅଭିମନ୍ୟୁ ଧଳ । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପର୍ଯ୍ୟବେକ୍ଷକ ଖବର କାଗଜର ସଂପାଦକ ଡ.ପବିତ୍ର ମୋହନ ସାମନ୍ତରାୟ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ପ୍ରାକ୍ତନ ସଭାପତି ଆଇନଜୀବୀ ଦେବରାଜ ବେହେରା, କଂଗ୍ରେସ ନେତା ତ୍ରିନାଥ ମିଶ୍ର, ଅଧ୍ୟାପକ ଟୁଇନାଂଶୁ ରଥ, ବିଜୟ କେତନ ସାମଲ, ଧର୍ମଶାଳା ବ୍ଲକ କଂଗ୍ରେସ ସଭପତି କିସାନ ପଣ୍ଡା, ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ, ହୋଲି ଜେସସ ବିଦ୍ୟାଳୟର ଅଧ୍ୟକ୍ଷା ଶୁଶ୍ରୀ କାମିନୀ ନାୟକ, ଶିକ୍ଷାବିତ ବ୍ରହ୍ମାନନ୍ଦ ଦାସ, ନାରୀନେତ୍ରୀ ଶ୍ରୀମତୀ ମନୋରମା ଆଚାର୍ଯ୍ୟ, ପ୍ରାକ୍ତନ ସରପଂଚ ସଞ୍ଜିବ ଜେନା, ପ୍ରଫୁଲ ରାୟ, ସରପଂଚ ଫକୀର ନାରାୟଣ ମିଶ୍ର, ସୁଧିର ଖଣ୍ଡାଇ, ନବକିଶୋର ସାମନ୍ତରାୟ, ପ୍ରାକ୍ତନ ସମିତିସଭ୍ୟ ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଶାନ୍ତ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଚାରଣ ଗୋଷ୍ଠି ପକ୍ଷରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଷ୍ଣୁ ସହସ୍ର ନାମ ଓ ଶ୍ରଦ୍ଧାୟ ଓ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରଶାନ୍ତ ଦାସ ଜଣେ ଭଲ ମଣିଷ ଭାବରେ ସାଧାରଣ ଲୋକଙ୍କ ସେବା ଓ ଜଣେ ମେଳାପି ବ୍ୟକ୍ତି ଭାବରେ ଲୋକପ୍ରିୟତା ଅର୍ଜଣ କରିଥିଲେ । ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଛାତ୍ର ସଂସଦ ପକ୍ଷରୁ ସଂପାଦକ ଦାୟିତ୍ୱ ବହନ କରି ଛାତତ୍ର ମାନଙ୍କଯକ ସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ନିଜ ଗ୍ରାମରେ ଶ୍ରୀ ସତ୍ୟନରାୟଣଙ୍କ ପୀଠରେ ହେଉଥିବା ପାଲା କାର୍ଯ୍ୟରେ ଦୀର୍ଘବର୍ଷ ଧରି ସହ ଯୋଗ କରି ଆସୁଥିଲେ । ସେ ମଧ୍ୟ କଂଗ୍ରେସ ଦଳରେ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ଲୋକ ପ୍ରିୟତା ଅର୍ଜଣ କରିଥିଲେ । ତାଙ୍କର ଅମର ଆତ୍ମାର ସଦଗତି କାମନା ପାଇଁ ଓ ତାଙ୍କ ପରିବାର ବର୍ଗଙ୍କୁ ସହାୟ ହେବାକୁ ଅତିଥି ମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଷୀତିଶି ଖଣ୍ଡାଇ, ପଦ୍ମଚରଣ ଜେନା, ଶିକ୍ଷାବିତ ମନୋରଞ୍ଜନ କର, ସୀତାଂଶୁ ଖଣ୍ଡାଇ ପ୍ରମୁଖ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ ।

# ଟ୍ରକ ଧକ୍କାରେ ବାଇକ ଚାଳକ ଗୁରୁତର, କଟକ ସ୍ଥାନାନ୍ତରିତ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁର ନିକଟରେ ଏକ ଟ୍ରକ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବାଇକ ଚାଳକଙ୍କ ପରିଚୟ ମିଳି ନଥିବା ଜଣାପଡିଛି ।ସୂଚନା ମୁତାବକ,ଆଜି ସକାଳ ସମୟରେ ଏକ ହିରୋହୋଣ୍ଡା ବାଇକ୍(ଓଆର୨୨-୪୧୪୬) ସହ ଏକ ବାର ଚକିଆ ଟ୍ରକ(ଓଡି୦୪ଏନ୫୦୭୯) ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ବାଇକ ଚାଳକ ଟ୍ରକ ଚକା ତଳେ ଫସି ଯାଇଥିଲେ । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପଂହଚି ଟ୍ରକ ଚକା ତଳୁ ଗୁରୁତର ଅବସ୍ଥାରେ ବାଇକ ଚାଳକଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲା । ତେବେ ସେଠାରେ ତାଙ୍କର ଅବସ୍ଥା ସଂକଟାପନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

# ପାରାଦୀପ ମହାବିଦ୍ୟାଳୟ ଅର୍ଥନୀତି ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଅର୍ଥନୀତି ବିଜ୍ଞାନ ବିଭାଗ ତରଫରୁ ଆଗାମୀ ଜି-୨୦ ସମ୍ମିଳନୀର ଭାରତ ଅଧ୍ୟକ୍ଷତା କରିବାକୁ ଯାଉଥିବା ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ଶନିବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଜ୍ଞାନର ଆସୋସିଏଟ ପ୍ରଫେସର ଡ଼ଃ. ଶିବ ଶଙ୍କର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜି-୨୦ର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଜଗମୋହନ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଅର୍ଥନୀତି ବିଜ୍ଞାନର ଅଧ୍ୟାପିକା ଶାଶ୍ୱତୀ ସ୍ୱାଗତୀକା ଆଲୋଚନା ଚକ୍ରରେ ରଖାଯାଇଥିବା ବିଷୟ ଉପରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଅଧ୍ୟାପକ ସୁଜିତ କୁମାର ଭୋଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ସମ୍ମାନରେ ପାରାଦୀପ ମହାବିଦ୍ୟାଳୟର ଅର୍ଥନୀତି ବିଜ୍ଞାନର ଛାତ୍ରଛାତ୍ରୀ ଏବଂ ଅନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ । ଶେଷରେ ଅଧ୍ୟାପକ ଶ୍ରୀ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

**NOTICE**

That, I Smt. Purnabasi Padhi, aged about 75 years, W/o- Purna Chandra Padhi declare that, The original link title deeds such as Regd. Deed No. 1959, Dtd. 26.04.1996 executed by Kangali Nath, S/o- Late Umesh Nath in favour of Sri Panchanan Sahoo, S/o- Sri Kanduri Sahoo who transferred the ownership of the property in my favour has been misplaced from my custody and as I am unable to trace/find the same despite my best efforts. Neither I nor my family members have created any equitable mortgage/charge with any bank or financial institutions by depositing the said title deeds in respect of the property situated at Mouza-Bhimpur, Khata No. 200/162, Plot No. 358/759, Area Ac.0.080 dcml. Status-Stitiban, Kisam-Gharabari -1(Homestead). That, The Central Bank of India, Janapath Branch, Bhubaneswar have in principle agreed to approve to advance loan in my favour against the security of said Property. If any individual, Bank, Financial Institution is holding the said document in original as security for any loan granted, they are requested to inform the undersigned address within seven days from the date of Publication of notice/ advertisement relating to the above property.

**Smt. Purnabasi Padhi**
Address : Resident of At-DLA-23,
V.S.S. Nagar Housing Board Colony,
P.S.- Sahid Nagar, Bhubaneswar
Dist-Khurda, Odisha

# ADVERTISEMENT TARIFF

## WITH EFFECT FROM 1ST APRIL 2023

**B/W**
Per Sq.cm
Rs.

| | |
|---|---|
| Front Page | 100/- |
| Inner Page | 50/- |
| Back Page | 75/- |
| Ear Panel | 1500/- |
| Back Panel | 1000/- |
| Tender Notice | 50/- |
| Appointment | 50/- |

**Colour**
Per Sq.cm
Rs.

| | |
|---|---|
| Front Page | 200/- |
| Inner Page | 100/- |
| Back Page | 150/- |
| Ear Panel | 3000/- |
| Back Panel | 2000/- |

| | |
|---|---|
| Classified Advt | Rs.20/- per word,Bold Rs.20/- Box, Photograph-Rs.200/- (Extra) |

N.B:- For Colour 100% Extra ▪ For Special position 25% Extra

DIGITAL

Paryabekhyak e-paper (online Edition<

| Place | Size pixel | Rate |
|---|---|---|
| Left Banner Top | Regular size | Weekly-2500/- Monthly- 10,000/- |
| Right Banner Top | Regular size | Weekly-2500/- Monthly- 10,000/- |
| Left Banner Bottom | Regular size | Weekly-2000/- Monthly- 8,000/- |
| Right Banner Bottom | Regular size | Weekly-2000/- Monthly- 8,000/- |

Log on to www.paryabekhyak.com
www.paryabekhyakodisha.in

WEB PORTAL

* Conditions apply * Negotiable

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
N-4, F/24, IRC Village, Nayapalli, Bhubaneswar, Dist-Khordha,
Pin-751015, Phone : (0674) 3590185/3555817, Fax No. : 2550504 M-9853400829
E-mail: paryabekhyak@gmail.com
editorpbkc@gmail.com

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray